Split by PDF Splitter



ବ୍ୟକ୍ତିଙ୍କୁ ଆପଣାଦଳ ଭୁକ୍ତ କରି ନାହାନ୍ତି ତାହା ସବୁ ଅମଙ୍ଗଳର ମୂଳ ହୋଇଅଛି । ମେମ୍ବରମାନେ ଦେଶର ଅବସ୍ଥାକୁ ସମ୍ୟକ ରୂପ ଜ୍ଞାତ ନୁହନ୍ତି ଓ ସେମାନେ ଆପଣା ଆପଣା କାର୍ଯ୍ୟରେ ବ୍ୟସ୍ତଥାଇ ଅନ୍ୟକର୍ମରେ ମନୋଯୋଗୀ ହୋଇ ପାରନ୍ତି ନାହିଁ । ବିଶେଷତରେ ତାହାଙ୍କ କର୍ମରୁ ଜଣାଯାଏ ଯେ ଏ ଦେଶସ୍ଥ ଭଦ୍ରଲୋକଙ୍କ ଅପେକ୍ଷା ସାମାନ୍ୟ ଫିରଙ୍ଗୀ ଅଧିକ ବିଶ୍ୱାସଯୋଗ୍ୟ ବୋଧ କରନ୍ତି । ଯଦ୍ୟପି ଏହି ପ୍ରକାର ଅମୂଳକ ଜ୍ଞାନରେ ଜଣେ ସାମାନ୍ୟ ଲୋକଙ୍କୁ ତଦାରକ କର୍ମରେ ନିଯୁକ୍ତ କରନ୍ତି ତେବେ କେବଳ ଖର୍ଚ୍ଚା ସାର ହେବ । ଆମ୍ଭମାନଙ୍କର ସଂପୂର୍ଣ୍ଣ ଆଶଙ୍କା ହେଉଅଛି ଯେ ମଫସଲରେ ସାହାଯ୍ୟ କର୍ମ ପ୍ରକୃତ ରୂପେ ଚଳୁନାହିଁ । କଲୁଁଡ଼ ସାହେବ ମୋଫସଲର ସାହାଯ୍ୟ ସ୍ଥାନ ସକାଶ ଅଳ୍ପ ବେତନରେ ଲୋକ ନିଯୁକ୍ତ କରି ସେମାନଙ୍କୁ ଗୁରୁତର ଭାର ଦେଇ ଅଛନ୍ତି । ଏଣୁ କରି ସେମାନଙ୍କର କର୍ମର ବିଶେଷ ଅନୁସନ୍ଧାନ କରିବାର ଆବଶ୍ୟକ । ମାତ୍ର ସେପରି ଅନୁସନ୍ଧାନ ବିଦେଶୀ ଫିରିଙ୍ଗିଙ୍କ ଦ୍ୱାରା ହୋଇ ପାରିବ ନାହିଁ । ଯେ ବ୍ୟକ୍ତି ଦେଶୀୟ ଲୋକଙ୍କ ରୀତି ଗତିର ବିଶେଷ ଅବଗତଥିବ ଓ ଅକ୍ଳେଶରେ ଗ୍ରାମ ନିବାସିମାନଙ୍କଠାରୁ ଓ ଅନ୍ୟ ଉପାୟ ଦ୍ୱାରା ପ୍ରକୃତ କଥାମାନ ଜାଣିବାକୁ ସକ୍ଷମ ହେବ ଏମନ୍ତ ମନୁଷ୍ୟଙ୍କୁ ମଫସଲ ସାହାଯ୍ୟ ସ୍ଥାନମାନ ତଦାରଖ ସକାଶ ନିଯୁକ୍ତ କଲେ ସାଧାରଣ ସମ୍ପତ୍ତିର ଅପବ୍ୟୟ ଓ ଦୁଃଖୀଙ୍କ ଦୁଃଖ ନିବାରଣ ହେବ ।

---

## ସାପ୍ତାହିକ ସଂବାଦ

ଗତ ଜୁଲାଇ ମାସ ତା ୨୬ ରିଖରେ ଶ୍ରୀଯୁତ ଲେ.ଗ୍ଟ.ହେଲେଣ୍ଟ ଗବର୍ଣ୍ଣର ସାହେବ ସନ ୧୮୬୫ ମସିହା ୨୦ ଆଇନର ୩୫ ଧାରା ଅନୁସାର ଡିବିଜନ କମିସନର ଓ ଜିଲ୍ଲାର କଲେକ୍ଟରମାନଙ୍କୁ ଅଧିକାର ଦେଇ ଅଛନ୍ତି ଯେ ଯେଉଁ ବ୍ୟକ୍ତି-ମାନେ ଉକ୍ତ ଆଇନାନୁସାର ରେବିନ୍ୟୁ ଏଜେଣ୍ଟ ସ୍ୱରୂପ ଶ୍ରେଣୀ ଭୁକ୍ତ ନ ହୋଇ ସାଧାରଣ କି ବିଶେଷ ମୁକ୍ତାର ନାମାଦ୍ୱାରା ଆପଣା ନିଯୁକ୍ତକାରୀ ମୁନିବର ସକଳ ସାଧାରଣ କିମ୍ବା ବିଶେଷ କର୍ମ ଚଳାଇବାକୁ ଇଚ୍ଛା କରିବେ ତାହାଙ୍କୁ ଉକ୍ତ ହାକିମ-ମାନେ ଆପଣା ଆପଣା ଅଧିକାରସ୍ଥ ସ୍ଥାନ ମଧ୍ୟରେ ଉକ୍ତ ରୂପ କର୍ମ କରିବାର ଅନୁମତି ଦେବେ ।

ଏହିମାସ ତା ୧୪ ରିଖରେ ମାନ୍ୟବର ଶ୍ରୀଯୁକ୍ତ ଗବର୍ଣ୍ଣର ଜେନେରାଲ ବାହାଦୁର ମନି ଅର୍ଡ଼ର ମହକୁମାମାନଙ୍କ ରିପୋର୍ଟ ଓ ହିସାବ ଦୃଷ୍ଟିରେ ବିବେଚନା କଲେ ଯେ ମନି ଅର୍ଡ଼ର ନିୟମ ବଙ୍ଗଦେଶ ମଧ୍ୟରେ ସମ୍ପୂର୍ଣ୍ଣ ଫଳଦାୟକ ହୋଇଅଛି ଅତଏବ ତାହା ଚିରସ୍ଥାୟୀ କରିବାର ସମ୍ମତ ଦେଲେ ଏବଂ ମାନ୍ଦ୍ରାଜ ଓ ବମ୍ବେଇ

Digitized by srujanika@gmail.com

Split by PDF Splitter



ପ୍ରତିଦଣ ମାନଙ୍କରେ ଉକ୍ତନିୟମ ପ୍ରଚଳ କରିବା ଏବଂ ବଙ୍ଗ ଦେଶର ମନି ଅର୍ଡରର ସଂଖ୍ୟା ଟ ୧୦୦ ଙ୍କାଠାରୁ ଟ ୨୫ଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାର ମନସ୍ଥ କରିଅଛନ୍ତି । ମନିଅର୍ଡ଼ର ନିୟମ ସବଙ୍ଖ ପ୍ରଚଳିତ ହେଲେ ଲୋକଙ୍କର ବହୁତ ସୁଯୋଗ ହେବ ମାତ୍ର ଗବର୍ଣ୍ଣର ସାହେବ ଭାରତବର୍ଷ ମଧ୍ୟସ୍ଥ ଏକ ପ୍ରଦେଶରୁ ଅନ୍ୟ ପ୍ରଦେଶକୁ ମନିଅର୍ଡ଼ର କରିବାର ଅନୁମତି ଦେଇ ନ ଥିବାରୁ ବାସ୍ତବ ବିବେଚନା ଶୂନ୍ୟତା ଜଣାଯାଉଅଛି ।

ଗତମାସ ତା ୬ ରିଖରେ କଲଟର ସାହେବ ନିୟମ କଲେ ଯେ ମୁଦମାନେ କେହି ୫ ବସ୍ତାରୁ ଅଧିକ ଚାଉଳ ଏକ ଦିନରେ ନେଇ ପାରିବେ ନାହିଁ, ଏବଂ ସେମାନଙ୍କୁ କେବଳ ସରୁ ଚାଉଳ ଦିଆଯିବ ଓ ସେ ଚାଉଳ ଟଙ୍କାରେ ସେ ୪ଧ୍ୟ ଭାଉରେ ବିକି ହେବ । ଚାଉଳ ବିକି ବିଷୟରେ ପ୍ରତି ଘଣ୍ଟାକେ ନୂତନ ନୂତନ ହୁକୁମ ହେଉଅଛି ଏଥିରୁ ହାକିମମାନଙ୍କର ଅଭିପ୍ରାୟ ବୁଝିବାର ଭାର ହେଲା । ଏପରି ଅବସ୍ଥାରେ କି ମୁଦମାନେ ଚାଉଳ ଭାଉ ସସ୍ତା କରିବେ ?

ଆମ୍ଭେମାନେ ଦୁଃଖର ସହିତ ଶ୍ରବଣ କଲୁଁ ଯେ ଇରିଗେସନ ଇଲାକା ଏଣ୍ଡର୍ସନ ସାହେବ ଯୋବରାଠାରେ ମହାନଦୀର ନୌକାରୁ ଓହ୍ଲାଇ କୂଳକୁ ଆସିବା ସମୟରେ ନଦୀ ମଧ୍ୟରେ ପଡ଼ି ଜଳମଗ୍ନ ହୋଇ ପ୍ରାଣତ୍ୟାଗ କଲେ । ସେଠାରେ ସ୍ରୋତ ଏଡ଼େ ପ୍ରବଳ ଥିଲା ଯେ ଶରୀର ଜଳରେ ବୁଡ଼ିଲା ଉତ୍ତାରୁ ଆଉ ଉପରକୁ ନ ବାହାରି କୁଆଡ଼େ ଗଲା ତାହାର କିଛି ତତ୍କାଳରେ ସ୍ଥିର ହେଲା ନାହିଁ । ଦୁଇଦିନ ବାଦ ଶବ ପ୍ରାପ୍ତ ହେଲା ।

ହିନ୍ଦୁ ପେଟ୍ରିୟଟ୍‌ପତ୍ରରୁ ଜଣାଯାଏ ଯେ ଭାଗଲପୁର ଜିଲାରେ ମଧ୍ୟ ଦୁର୍ଭିକ୍ଷ ହୋଇଅଛି । ଦୁଃଖୀ ଲୋକମାନଙ୍କ ଦୁର୍ଦ୍ଦଶା ନିବାରଣ ସକାଶ ସେସ୍ଥାନର କଲେକ୍ଟର ସାହେବଙ୍କ ଗୃହରେ ଏକସଭା ହୋଇଥିଲା ସେଥିରେ ସେ ସ୍ଥାନରେ ତଳଲେଖିତ ବ୍ୟକ୍ତିମାନେ ସ୍ୱାକ୍ଷର କରି ଅଛନ୍ତି । ମନ୍ନି ସାହେବ ଟ ୫୦୦ ମେଡକଲ ସାହେବ ଟ ୧୫୦ ଡ୍ରଉଇଲ୍‌ସାହେବ ଟ ୧୦୦ ଗ୍ରିମ୍ଲି ସାହେବ ଟ ୯୦ ମିଲ ସାହେବ ଟ ୮୦ ବାବୁ ମଦନ ମୋହନ ଠାକୁର ଟ ୫୦୦ ବାବୁ ସୂର୍ଯ୍ୟନାରାୟଣ ସିଂହ ଟ ୭୫ ବାବୁ ନରୋତ୍ତମ ମଲ୍ଲିକ ଟ ୮୫ ବାବୁ ଯଦୁନାଥ ସକାର ଟ ୩୫ ଓ ସିମୁର୍ଣ୍ଣାର ରଜା ଟ ୧୦୦୦ ।

ମାନ୍ଦ୍ରାଜରେ ଅନେକସ୍ଥାନରେ ଦୁର୍ଭିକ୍ଷ ହୋଇଅଛି— ବିଜୟ ନଗର ମହାରାଜାଙ୍କ ଦୁହିତାଙ୍କ ସଙ୍ଗେ ରୀୱାମହାରାଜାଙ୍କ ଭ୍ରାତୃଷ୍ପୁତ୍ରଙ୍କର ବାରାଣସୀ ନଗରରେ ଅତି ଉତ୍ସବରେ ବିବାହ ହେଲା । ମହାରାଜା ନଗର ନିବାସୀ ସମସ୍ତ ଲୋକଙ୍କୁ ଉତ୍ତମ ଭୋଜନ ଦେଇ ଅଛନ୍ତି । ଶୁଣାଯାଏ ଯେ ରୀୱା ରାଜପୁତ୍ର ଯୌତୁକ ସ୍ୱରୂପ ୧ ଲକ୍ଷ ଟଙ୍କା ପ୍ରାପ୍ତ ହୋଇ ଅଛନ୍ତି ।

Digitized by srujanika@gmail.com

Split by PDF Splitter



ରାଜା କମଳକୃଷ୍ଣ ବାହାଦୁର ଦୁର୍ଭିକ୍ଷପୀଡ଼ିତ ବ୍ୟକ୍ତିମାନଙ୍କୁ ବିତରଣ କରିବା ନିମନ୍ତେ ୨୫୦ ଖଣ୍ଡ କମଳ ଯଷ୍ଟେଜ ଚେଆରମ୍ୟାନ ସାହେବଙ୍କ ଠାରେ ଅର୍ପଣ କରିଅଛନ୍ତି ।

୧୮୭୫-୭୬ ସାଲର ଲେଅର ପ୍ରଭିନ୍ସ ଅର୍ଥାତ ବଙ୍ଗଲା ବେହାର ଓ ଓ ଓଡ଼ିଶାର ରାଜସ୍ୱ ଓ ବ୍ୟୟ ।

ରାଜସ୍ୱ — ଟ ୧୫୮୬୯୯୯୦୧
ବ୍ୟୟ — ଟ ୫୧୮୭୬୪୯୨

ଫାଜିଲ — ଟ ୧୦୬୭୨୪୪୦୯

ଫ୍ରାନ୍ସ ଦେଶରେ ମାନବ ରକ୍ତ ତୃଷ୍ଣାନାମକ ରୋଗର ଏକ ଆଶ୍ଚର୍ଯ୍ୟ ମକଦମା ହୋଇଥିଲା । ୧୧ ବର୍ଷ ବୟସର ଏକ ବାଳିକା ତାହାର ମାତା ଓ ଭଗିନୀର ଶୋଣିତ ପାନ ଅଭିଳାଷରେ ସେମାନଙ୍କ ପ୍ରାଣନଷ୍ଟ କରିବାନିମନ୍ତେ ପୁନଃ ପୁନ ଅନେକବାର ଚେଷ୍ଟା କରିଥିଲା ।

ଇଙ୍ଗ୍ଲିଷ ମ୍ୟାନ ପତ୍ରରୁ ଅବଗତ ହେଲୁଁ ଯେ ପାଟନା ଓ ତନ୍ନିକଟବର୍ତ୍ତୀ ଗ୍ରାମମାନଙ୍କର ସହସ୍ର ସହସ୍ର ନିବାସୀମାନେ ବର୍ତ୍ତମାନ ଦୁର୍ଭିକ୍ଷ ସମୟରେ ଗବର୍ଣ୍ଣମେଣ୍ଟ ଆରମ୍ଭ କରିଥିବା ରାସ୍ତାଓ ପୁଷ୍କରିଣୀ ପ୍ରଭୃତି ଅନେକ କାର୍ଯ୍ୟମାନଙ୍କରେ ନିଯୁକ୍ତ ହୋଇ ମୃତ୍ୟୁ ଗ୍ରାସରୁ ନିସ୍ତାରପ୍ରାପ୍ତ ହେଉଅଛନ୍ତି ।

ହରକରା ପତ୍ର ଲେଖନ୍ତି ଯେ ବରିସାଲ ଜିଲାରେ ଅନେକ ଚାଉଳ ପ୍ରାପ୍ତ ହେଉ ଅଛି ସେଠାରେ ପ୍ରତିମହଣକୁ ଟ ୨୲ ଙ୍କା ଠାରୁ ଟ ୨୳ ମୂଲ୍ୟରେ ଯେତେ ଚାଉଳ ଖୋଜ ମିଳିପାରେ । ଓଡ଼ିଶା ଦେଶ ନିମନ୍ତେ ଏହିଠାରୁ ଚାଉଳ ଅଣାଇବାର ଗବର୍ଣ୍ଣମେଣ୍ଟ ବନ୍ଦୋବସ୍ତ କରି ଅଛନ୍ତି । ଉତ୍ତମ ମାତ୍ର ଏଠାରେ ଏଠାରେ ଗବର୍ଣ୍ଣମେଣ୍ଟ କି ଭାବରେ ବିକ୍ରି କରିବେ—ସେ ୫ ଟ। ନା ସେ ୮୳ ?

ଅଦ୍ୟ ଆମ୍ଭମାନଙ୍କ ଶ୍ରୁତି ଗୋଚରରେ ଆସିଲା ଯେ ମାହାଙ୍ଗା ଗ୍ରାମରେ କେତେକ ଦିନହେଲା ଗୋଟିଏ ଅନାହାର ପୀଡ଼ିତ ସ୍ତ୍ରୀଲୋକ ଜାଢରେ ଶୁଙ୍ଗୁଆଣୀ ପ୍ରବେଶ କରିଅଛି । ତାହାର ଗୋଟିଏ ପାଦ ଅନ୍ୟ ପାଦାପେକ୍ଷା ଛୋଟ ଅଟେ ଓ ମୁଖ ଅତି ବଡ଼ ରୂପ କୁତ୍ସିତ ଓ କଣ୍ଠସ୍ୱର ଭୟଙ୍କର ଓ ତାହାର ଅବସ୍ଥା ଅତି ଘୃଣାକର । ମନୁଷ୍ୟ ମାଂସ ଭକ୍ଷଣରେ ତାହାର ଅତ୍ୟନ୍ତ ପ୍ରିତି । ଅନ୍ନ ଭୋଜନ ପାଉଥିଲେ ମଧ୍ୟ ସେ ଶ୍ମଶାନକୁ ଯାଇ ମୃତ ପିଣ୍ଡ ମୃତ୍ତିକା ମଧ୍ୟରୁ ବାହାର କରି କଞ୍ଚା ମାଂସ ଭୋଜନ କରେ । ଏକଦା ଗୋଟିଏ ଅଳ୍ପ ବୟସ୍କ ସୁନ୍ଦରୀ ବାଳିକା ଦାଣ୍ଡରେ ବୁଲୁଥିଲା । ସେ ରାକ୍ଷସୀ ତାକୁ ଦେଖି ତାହାଠାରୁ ଦ୍ରୁତଗତିରେ ଆସି ତାହାର ଶରୀରରୁ ଦୁଇ ପୁଳା ମାଂସ କାମୁଡ଼ି ଖାଇଲା । ବାଳିକା

Digitized by srujanika@gmail.com

Split by PDF Splitter



ଉଚ୍ଚସ୍ୱରରେ ରୋଦନ କରନ୍ତେ କେତେକ ଜଣ ଗ୍ରାମବାସୀ ଦଉଡ଼ି ଆସି ବାଳିକାକୁ ରକ୍ଷାକଲେ । ଓ ରାଜଦଣ୍ଡ କିମ୍ବା ସ୍ତ୍ରୀ ହତ୍ୟା ଦୋଷଭୟରେ ସେ ରାକ୍ଷସୀର ପ୍ରାଣନାଶ ନ କରି ତାକୁ ଯଷ୍ଟିରେ ଯଥୋଚିତ ପ୍ରହାର ପ୍ରଦାନ କଲେ । ତାହାର ଏରୂପ କଦାଚାର ନିମନ୍ତେ ପୂର୍ବେଅରେ ତାହାଶରୀରରେ ତପ୍ତ ଲୌହଦ୍ୱାରା ଚେଙ୍କା ଦିଆଯାଇଥିଲା । ଏ ତ କଥା ଡାଆଣୀ ନୁହେ କାରଣ ତାହାହେଲେ କେବଳ ରକ୍ତପାନ କରନ୍ତା, ଏ ଗୋଟିଏ ଯୋଗିନୀ ପ୍ରବେଶ ହୋଇଅଛି, ଏହାକୁ ପ୍ରହାର ନ କରି ଚେନାପଣା ଇତ୍ୟାଦି ଦେଲେ ମଙ୍ଗଳ ହେବ ।

ଶୁଣାଗଲା ଯେ ଗତ ଗୁରୁବାର ସକାଳ ବେଳେ ଜଣେ ମନୁଷ୍ୟ କାଠଯୋଡ଼ି ଘାଟରେ କାଠ ଧରୁ ଧରୁ କପର ନଦୀ ମଧ୍ୟରେ ଖସିପଡ଼ିବାରୁ ଲୁଣ ଟେଲ ବୁରୁଜ ଠାରେ ଭେଁଶରେ ପଡ଼ି ମରିଗଲା । ଦୁର୍ଭିକ୍ଷ ହେତୁରେ କି ସମସ୍ତଙ୍କର ଜଠରାଗ୍ନି ସମଭାବରେ ବର୍ଦ୍ଧିତ ହୋଇଅଛି ?

ଗତ ସୋମବାର ଠାରୁ ତିନ ଦିନ ପର୍ଯ୍ୟନ୍ତ ଘୋରତର ବୃଷ୍ଟି ଓ ଝଡ଼ ହୋଇଅଛି । ସମସ୍ତେ ଏ ବର୍ଷାକୁ ଧାନପକ୍ଷରେ ଅତିଶୟ ଉପକାରୀ ବୋଧ କରୁଅଛନ୍ତି ଓ ନଦୀମାନେ ଅତ୍ୟନ୍ତ ବୃଦ୍ଧି ହୋଇଅଛି । ମାତ୍ର ବୋଧହୁଅଇ ଯେ ଦୁଃଖୀଙ୍କପ୍ରତି ଇନ୍ଦ୍ର ଦେବତାଙ୍କ ରାଗର ଶାନ୍ତି ଅବଧି ହୋଇ ନାହିଁ । ଅନାବୃଷ୍ଟି ଦ୍ୱାରା ଏ ପ୍ରାଏ ଦଶମାସ ହେଲା ସେମାନଙ୍କ ଅନ୍ନ କଷ୍ଟଦେଇ ଏଥର ତାହାଙ୍କ ଘରେ ସୁଧା ରହି ଦେଲେ ନାହିଁ ବାସ୍ତବରେ ଏ ନଗର ମଧ୍ୟରେ ବହୁତର ଘରର କାନ୍ଥମାନ ପଡ଼ି ଯିବାରୁ ଘରମାନ ମୃତ୍ତିକା ସହିତ ଆଳାପ କରୁଅଛନ୍ତି ।

## ପ୍ରେରିତ ପତ୍ର

ମହାଗ୍ରାମ ଇସ୍କୁଲ ଓ ଶ୍ରୀଯୁକ୍ତ ଢେଙ୍କାନାଳର ରାଜାବାହାଦୁର—

ମାନ୍ୟବର ଶ୍ରୀଯୁକ୍ତ ଶ୍ରୀ ଉତ୍କଳ ଦୀପିକା ସମ୍ପାଦକ ମହାଶୟ

ସମୀପେଷୁ ।

ଆମ୍ଭ ନିବାସଭୂମି ମହାଗ୍ରାମ କି ଯାହା ମାହାଙ୍ଗା ନାମରେ ସର୍ବତ୍ର ବିଖ୍ୟାତ ଅଛି । ସେଠାରେ ଗୋଟିଏ ଇଙ୍ଗରାଜୀ ବର୍ଣ୍ଣାକୁଲର ଇସ୍କୁଲ ଗତ ଦୁଇ ବର୍ଷରୁ ସ୍ଥାପନ ହୋଇଥିବାର ଆପଣଙ୍କ ମଧ୍ୟ ଗୋଚର ଥିବ । ଆମ୍ଭମାନଙ୍କର ବିଦ୍ୟୋତ୍ସାହୀ ଗଭରମେଣ୍ଟରୁ ମାସିକ ଟ ୧୦ ଙ୍କା ଏ ଇସ୍କୁଲ ନିମନ୍ତେ ସାହାଯ୍ୟ ଦାନ ମିଳୁଅଛି । ମତ୍ର ଗ୍ରାମସ୍ଥ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଯେ ଏ ଇସ୍କୁଲ ସକାଶେ ମାସିକ ଟ ୧୦ ଙ୍କା ଚାନ୍ଦା ଆପଣା ମଧ୍ୟରେ କରିଥିଲେ ତାହା କେତେକ ମାସ ପର୍ଯ୍ୟନ୍ତ ଅସୁଲ ହୋଇଥିଲା ତଦନନ୍ତର ଚାନ୍ଦା କ୍ରମେ କ୍ରମେ ନ୍ୟୂନ ହୋଇ ଅତି କଷ୍ଟରେ

Digitized by srujanika@gmail.com

Split by PDF Splitter



ଅସୁଲ ହେବାରୁ ଇସ୍କୁଲ ଦୁରବସ୍ଥାରେ ପତିତ ହେବାର ଦେଖି ଆମ୍ଭେ କତିପୟ ବିଦେଶୀୟ ଧନାଢ୍ୟ ମହାଶୟଙ୍କ ନିକଟରେ ସାହାଯ୍ୟ ପ୍ରାର୍ଥନା କରିଥିଲୁଁ ମାତ୍ର ସେମାନେ ଆମ୍ଭ ପ୍ରାର୍ଥନାରେ କର୍ଣ୍ଣପାତ ସୁଧା ନ କଲେ ।

ଅନନ୍ତର ଶ୍ରୀଯୁତ ଶ୍ରୀ ଢେଙ୍କାନାଳାଧିପତି ରାଜା ବାହାଦୁରଙ୍କର ବିଦ୍ୟାନୁରାଗ ଓ ଦାନ ଶୀଳତା ବିଷୟ ଶ୍ରବଣ କରି ତାଙ୍କ ସମ୍ମୁଖରେ ପ୍ରାର୍ଥନା କଲୁଁ ମାତ୍ରକେ ରାଜା ବାହାଦୁର ଅତିଅନୁଗ୍ରହ ପୂର୍ବକ ମାସିକ ଟ ୩ ଙ୍କା ଲେଖାଏଁ ବୃତ୍ତି ଓ ଇସ୍କୁଲ ଗୃହ ନିର୍ମାଣାର୍ଥେ ଟ ୧୦ ଙ୍କା ଦାନ କରିଅଛନ୍ତି । ଏହା ଦ୍ୱାରା ଯେ ଯେ ଆମ୍ଭଙ୍କୁ ଓ ଆମ୍ଭ ଗ୍ରାମସ୍ଥ ଲୋକଙ୍କୁ କି ପର୍ଯ୍ୟନ୍ତ ଆନନ୍ଦିତ ଓ କୃତକାର୍ଯ୍ୟ କରିଅଛନ୍ତି ତାହା ବର୍ଣ୍ଣନାତୀତ । ଏମନ୍ତେ ଆମ୍ଭେ ନିଷ୍କପଟ ଚିତ୍ତ ଓ ସରଳ ହୃଦୟରେ ତାଙ୍କୁ ସହସ୍ର ସହସ୍ର ଧନ୍ୟବାଦ ପ୍ରଦାନ କରୁଅଛୁଁ ।

ଯଦ୍ୟପି ଏହି ପରି ଉତ୍କଳବାସୀ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ବିଦ୍ୟାପ୍ରଚାର ସକାଶେ ମୁଦ୍ରାଦାନ ଓ ଯତ୍ନ କରନ୍ତେ ତେବେ ଅବଶ୍ୟ ଅଳ୍ପ କାଳ ମଧ୍ୟରେ ଉତ୍କଳ ଦେଶର ଗୌରବ ବୃଦ୍ଧି ହୋଇ ସଭ୍ୟଦେଶ ମଧ୍ୟରେ ଗଣନୀୟ ହୁଅନ୍ତା ଏଥିରେ ସନ୍ଦେହ ନାହିଁ । ଅତଏବ ବିଦ୍ୟାର ଉନ୍ନତି ଓ ପ୍ରଚାର ବିଷୟରେ ସମସ୍ତଙ୍କ କାୟମନ ବାକ୍ୟେ ବହୁଯତ୍ନ କରିବାର ଉଚିତ ।

ଉପରୋକ୍ତ ବିଷୟ ସର୍ବସାଧାରଣଙ୍କ ଗୋଚରାର୍ଥେ ନିବେଦନ ପତ୍ର ଆପଣ ଅନୁଗ୍ରହ ପୂର୍ବକ ଆପଣଙ୍କ ପତ୍ରିକାରେ ପ୍ରକାଶ କରି ଆମ୍ଭଙ୍କୁ ବାଧିତ କରିବା ହେବ ।

ମୁ—କଟକ
ତା ୭ ରିଖ ମାହେ ଅଗସ୍ତ ସନ୍ ୧୮୬୭ ମସିହା

ଶ୍ରୀ ଜଗମୋହନ ଲାଲ
ଇସ୍କୁଲ ସେକ୍ରେଟରୀ

## ପୁସ୍ତକ ବିକ୍ରୟ ଉତ୍କଳ ଭାଷା

ଉତ୍କଳ ଓ ମୁକ୍ତାର ବିଷୟରେ ନୂତନ ଦସ୍ତୁର ଅମଲ ସନ ୧୮୬୫ ମସିହା ୨୦ ଆଇନର ଖୋଲ୍ଷା ସାହିତ — ମୂଲ୍ୟ ଟ ୦।

ସନ ୧୮୬୧ ମସିହାର ୧୪ ଆଇନ ... ... ମୂଲ୍ୟ ଟ ୦।

ରେଜଷ୍ଟ୍ରୀ ଫିସ ନିର୍ଣ୍ଣୟ ... ... ମୂଲ୍ୟ ଟ ୦୵

ଏ ପୁସ୍ତକମାନ ଯାହାଙ୍କର ପ୍ରୟୋଜନ ହେବ ଆଲମଚାନ୍ଦ ବଜାର ଛାପାଖାନାରେ ତତ୍ତ୍ୱ କଲେ ପାଇବ ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକାର ମୂଲ୍ୟ ଓ ନିୟମ

| | |
|---|---|
| ଅଗ୍ରିମ ବାର୍ଷିକ ମୂଲ୍ୟ | ଟ ୪ ଙ୍କା |
| ଛମାସର ଅଗ୍ରିମ ମୂଲ୍ୟ | ଟ ॥ |
| ଛଅମାସର ଏକ | ଟ ୧॥ |
| ବର୍ଷାନ୍ତେ ମୂଲ୍ୟ ହେଲେ ବର୍ଷକୁ | ଟ ୬ ଙ୍କା |
| ପ୍ରତି ଖଣ୍ଡର ମୂଲ୍ୟ | ଟ ୦। |

ମନ୍ତବ୍ୟ :—

୧ । ଗ୍ରାହକ ହେବା ସମୟଠାରୁ ଅଥବା କୌଣସି ବର୍ଷ ଆରମ୍ଭରୁ ଛଅ ମାସ ମଧ୍ୟରେ ଉକ୍ତ ବର୍ଷର ଅଗ୍ରିମ ମୂଲ୍ୟ ନ ଦେଲେ ବର୍ଷାନ୍ତେ ଯେ ମୂଲ୍ୟ ଧାର୍ଯ୍ୟହେଲା ସେହି ମୂଲ୍ୟ ସେ ବର୍ଷ ସକାଶେ ଦେବାକୁ ହେବ । ଓ ଛ ମାସର ଆଗତୁରା ମୂଲ୍ୟ ନ ପଠାଇଲେ ମଫସଲକୁ କାଗଜ ପଠାଯିବ ନାହିଁ ।

୨ । ମଫସଲ ନିବାସି ଗ୍ରାହକମାନେ ଆପଣା ପତ୍ର ପ୍ରାପ୍ତିର ଅନ୍ୟ ଉପାୟ ନ କଲେ ଡାକ ଯୋଗେ ତାଙ୍କ ନିକଟକୁ ପତ୍ର ପଠାଇବା ସକାଶ ଉପର ଲେଖିତ ମୂଲ୍ୟ ଉପରେ ତାଙ୍କ ଉପୁନ ବର୍ଷକୁ ଟ ୩ । ଅଣା ହିସାବରେ ପଠାଇବେ ମାତ୍ର ଏକ ସ୍ଥାନରେ ବାସ କରୁଥିବା ଅନେକ ବନ୍ଧୁ ଏକ ମାସୁଲରେ ଆପଣା ଆପଣା ସମ୍ବାଦ ପତ୍ର ପାଇ ପାରିବେ ।

୩ । ବିଶେଷ ଲୋକର ଉପକାରାର୍ଥେ ବିଜ୍ଞାପନମାନ ଛପା କରାଇବାର ଯାହାଙ୍କର ଆବଶ୍ୟକ ହୁଅଇ ତାହାଙ୍କୁ ତଳ ଲେଖିତ ମତେ ଖର୍ଚ୍ଚ ଅଗ୍ରେ ଦେବାକୁ ହେବ । ଯଥା—

| | | |
|---|---|---|
| ଧାଡ଼ି ପ୍ରତି | — | ଟ ୦⁄ |
| ଅର୍ଦ୍ଧ ପୃଷ୍ଠା | — | ଟ ୦॥ |
| ପ୍ରତି ପୃଷ୍ଠା | — | ଟ ୧ ଙ୍କା |

ସର୍ବଦା କୌଣସି ବିଷୟ ଛପାଇବାର ଯାହାଙ୍କୁ ଆବଶ୍ୟକ ହୁଅଇ ସେମାନେ ଚୁକ୍ତି କରିବାକୁ ଚାହିଁଲେ ଅଳ୍ପ ଖର୍ଚ୍ଚରେ ତାହା କରିପାରିବେ । ଏ ସମ୍ବାଦ ସମ୍ପର୍କୀୟ ସମସ୍ତ ଚିଟି ପତ୍ର ଓ ଟଙ୍କା ଇତ୍ୟାଦି ଶ୍ରୀ ଗୌରୀଶଙ୍କର ରାଏ ମେନେଯରଙ୍କ ନିକଟକୁ ପଠାଇବାକୁ ହେବ ।

---

ସହର କଟକ ଆଲମଚନ୍ଦ ବଜାର କଟକ ପ୍ରିଣ୍ଟିଂ କୁମ୍ପାନିର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚୁର କରାଗଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସଂବାଦପତ୍ର

୧ମ ଭାଗ ଶନିବାର ତା ୧୧ ରିଖ ମାହେ ଅଗଷ୍ଟ ସନ ୧୮୬୭ ମସିହା ।
। ମୂ । ଭାଦ୍ରବ ଦି ୪ ନ ସନ ୧୨୭୩ ଶାଲ ତୃତୀୟ ସଂଖ୍ୟା

ଏ ଦେଶରେ ଯେ ଏତାଦୃଶ ଦୁଃ ସମୟ ପଡ଼ିବ ଏହା କେହି ସ୍ୱପ୍ନରେ ସୁଦ୍ଧା ଦେଖି ନ ଥିଲେ । କାର୍ତ୍ତିକ ମାସପର୍ଯ୍ୟନ୍ତ ନିୟମିତ ପରିମାଣରେ ବର୍ଷା ନ ହେବାରୁ ଆସନ୍ନ ଫସଲ ପକ୍ଷରେ ଲୋକଙ୍କ ମନରେ କିଞ୍ଚିତ ଭୟ ଜାତ ହେଉଥିଲା ସତ୍ୟ ମାତ୍ର ଏତାଦୃଶ ଘଟଣା ହେବାର କେହି ସମ୍ଭବ କରି ନ ଥିଲେ । ଦକ୍ଷିଣ ଦେଶରେ ପ୍ରଥମେ ଦୁର୍ଭିକ୍ଷର ଆଦର୍ଶ ପ୍ରକାଶ ହେଲା ଓ ସେ ଜିଲ୍ଲାରୁ ଲୋକମାନେ ଅଧିକ ପରିମାଣରେ ଚାଉଳ କ୍ରୟ କରିବାକୁ ଆରମ୍ଭ କଲାରୁ ଦିନ ଦିନ ଖାଦ୍ୟ ନ୍ୟୂନ ହୋଇ ଅକସ୍ମାତ ଏକାବେଳକେ ଚାଉଳ ଅପ୍ରାପ୍ତ ହେଲା ସାଧାରଣ ଲୋକ ସର୍ବତଃ ମୁଦୀମାନଙ୍କୁ ଦୋଷ କଲେ ଓ କହିଲେ ଯେ ଏମାନେ କେବଳ ଅଧିକ ଲାଭ ଆଶାରେ ଦେଶରେ ଶସ୍ୟ ନ ଥିବାର ପ୍ରଚାର କରି ଅଛନ୍ତି ଓ ସମସ୍ତ ଶସ୍ୟ ଆପଣାମାନଙ୍କ ମଧ୍ୟରେ ମେଳକରି ଜମୁ ଅଛନ୍ତି । ଏହିଠାରୁ ପ୍ରଥମେ ଭ୍ରମ ଉଦୟ ହୁଏ । ସହରର ନିବାସୀ କ୍ଷୁଦ୍ର ପ୍ରଜାଠାରୁ ବିଚକ୍ଷଣ ସରକାରୀ ହାକିମ ପର୍ଯ୍ୟନ୍ତ ଏ ଭ୍ରମରେ ବଶୀଭୂତ ହେଲେ, ଅନ୍ୟାନ୍ୟ ବର୍ଷରେ ମୁଦିମାନେ ଏପରି କି ହେତୁ ନ କଲେ ? ସେ ସମୟରେ କି ତାହାଙ୍କର ଲାଭର ଆଶା ନ ଥିଲା ? ଏକଥାମାନ କେହି ବିଚାର କଲେ ନାହିଁ । ଶସ୍ୟର ପ୍ରଚୁରତା ଓ ଦୋକାନ ଦାର ଓ ମହାଜନଙ୍କ ଦୁଷ୍ଟଚରିତା ହାକିମଙ୍କ ମନରେ ଏମନ୍ତ ଦୃଢ଼ ରୂପେ ବଦ୍ଧମୂଳ ହେଲା ଯେ ସେମାନଙ୍କର ଅନ୍ୟ ଉପାୟ ଚିନ୍ତା କରିବାର ଥାଉ ସାମାନ୍ୟ ଫସଲ ତୁଟିରେ ଯେ କ୍ଷତିପୂରଣ ଅନ୍ୟାନ୍ୟ ବର୍ଷମାନଙ୍କରେ ଦେଉଥିଲେ ତାହାସୁଦ୍ଧା ଦେବାକୁ ଅସମ୍ମତ ହେଲେ । ଜମିଦାରଙ୍କ କଥାରେ କେହି ବିଶ୍ୱାସ କଲେ ନାହିଁ । ସେମାନେ କେବଳ ଲୋକ ହାନି ଯାଇବା ସକାଶେ ଏରୂପ କହୁ ଅଛନ୍ତି ଏହିମାତ୍ର ଜ୍ଞାନ ହେଲା ।

ଏଥି ମଧ୍ୟରେ ନୂତନ ଫସଲ କଟା ହେବାରୁ ପ୍ରାଏ ଦୁଇ ମାସ ପର୍ଯ୍ୟନ୍ତ ଚାଉଳ ସୁଧାର ରୂପେ ମିଳିଲା ଟଙ୍କାକୁ ସେ ୭ର ଓ କେବେ କେବେ ସେ ୮ରେ ସୁପ୍ତ ହେଲା । ମାତ୍ର ଉକ୍ତ ଫସଲ ଅଳ୍ପ ଥିବାରୁ ଶୀଘ୍ର ତାହା ଶେଷ ହେଲା

Digitized by srujanika@gmail.com

Split by PDF Splitter



କେତନ ସତର୍କ ଭୂମ୍ୟାଧିକାରୀ ଓ କୃଷିକାରୀ ବ୍ୟତିରେକେ ଅନ୍ୟକାହାର ହସ୍ତରେ ଶସ୍ୟ ରହିଲା ନାହିଁ । ବେପାରୀମାନେ ନାନା ସ୍ଥାନରୁ ଗୃହଲ ଖୋଜି ଆଣିଲେ ଓ କୌଣସି ସ୍ଥାନରେ କୃଷି ଉତ୍ତମ ରୂପେ ହୋଇ ନ ଥିବାରୁ ଅଳ୍ପ କାଳରେ ସର୍ବତ୍ର ସମାନପର ହୋଇଗଲା । ଓ କ୍ରମେ କ୍ରମେ ଦେଶର ଶସ୍ୟ ଯେ ରୂପ ଶେଷ ହେବାକୁ ଆରମ୍ଭ ହେଲା ଦୁଃଖ ବୃଦ୍ଧି ହେଲା ଓ ସେହି ପରିମାଣରେ ଲୋକମାନେ ଅର୍ଥହୀନ ହୋଇ ପରର ସାହାଯ୍ୟ ଅନ୍ୱେଷଣ କରିବା କାରଣ କେହିବା ଘର ପରିବାରାଦି ତ୍ୟାଗକରି ସ୍ଥାନାନ୍ତର ହେଲେ କେହିବା ସର୍ବତୋଭାବେ ନିରୂପାୟ ହୋଇ ସପରିବାର ମୃତ୍ୟୁ ଦ୍ୱାରା ଦୁଃସହ ଯନ୍ତ୍ରଣାରୁ ମୁକ୍ତ ଲାଭକଲେ ଏବଂ କେହି କାରାଗାରକୁ ଦୁଃଖର ଶାନ୍ତି ନିକେତନ ଜ୍ଞାନକରି ସ୍ୱବିଦିତ ସଚ୍ଚରିତ୍ର ଥିଲେ ସୁଦ୍ଧା କେବଳ ସେଠାରେ ବାସ କରିବାର ଉପଯୁକ୍ତ ହେବାଲାଗି ବଳାତ୍କାରେ ଦଣ୍ଡନୀୟ ଅପରାଧ କଲେ ।

ଏହି ରୂପ ଦିନ ଦିନ ଲୋକଙ୍କ ଯନ୍ତ୍ରଣା ବୃଦ୍ଧି ହେଲା ଅନ୍ନାଭାବରେ ଲୋକମାନେ କ୍ଷୁଧାନିବାରଣ ନିମନ୍ତେ ନାନା ଅଖାଦ୍ୟ ପଦାର୍ଥ ଖାଇବାରୁ ଓ ରୌଦ୍ରର ପ୍ରଚଣ୍ଡ ଉତ୍ତାପ ହେବାରୁ ଓଲାଉଠାରୋଗର ପ୍ରାଦୁର୍ଭାବ ହେଲା । ଅସଂଖ୍ୟ ପ୍ରାଣୀନାଶ ହେଲେ ଓ ଦୁର୍ଭିକ୍ଷର ସମସ୍ତ ଲକ୍ଷଣ ସ୍ପଷ୍ଟ ଦର୍ଶନ ହେଲେ ସୁଦ୍ଧା ଆମ୍ଭର ରକ୍ଷକ ହାକିମମାନେ ସେଥିରେ ଭ୍ରୂକ୍ଷେପ ମାତ୍ର କଲେନାହିଁ ତଥାଚ ତାହାଙ୍କର ଜ୍ଞାନ ଥିଲାଯେ ଦେଶରେ ଶସ୍ୟଅଛି । କେବଳ ମହାଜନମାନେ ଲୋଭଣାରୁ ତାହା-ଦେଉନାହାନ୍ତି । ହାଏ, ଯଦ୍ୟପି ହାକିମମାନେ ଆମ୍ଭମାନଙ୍କର ପ୍ରକୃତ ଅବସ୍ଥା ଜାଣିବାକୁ ଚେଷ୍ଟା କରିଥାନ୍ତେ ତେବେ ସେମାନେ କଦାଚ ଏରୂପ ଭ୍ରମରେ ପଡ଼ନ୍ତେ ନାହିଁ । ଏଦେଶର ଲୋକଙ୍କ ମଧ୍ୟରୁ ତିନି ଭାଗ କୃଷି ଅଟନ୍ତି ବ୍ୟବସାୟୀ କେବଳ ଏକ ଭାଗ ହୋଇପାରନ୍ତି । ଅତଏବ ଧନବାନ ଲୋକ ଯେଉଁଠାରେ ଅନ୍ନାଭାବରେ ଦୁଃଖ ପାନ୍ତି ସେଠାରେ ଶସ୍ୟଅଛି ବୋଲି କେଉଁଜ୍ଞାନୀ ମନୁଷ୍ୟ ବୋଧ କରିବ ? ବିଶେଷରେ ଯେ ଦେଶରେ କୃଷି ଅଧିକାଂଶ ଲୋକଙ୍କର ଜୀବିକା ଏବଂ କ୍ଷେତ୍ରୋତ୍ପନ୍ନ ପଦାର୍ଥ ବିନିମୟ ଦ୍ୱାରା ଅନ୍ୟ ଆବଶ୍ୟକ ଦ୍ରବ୍ୟମାନଚଳେ ସେଠାରେ କି ଶସ୍ୟର ବଡ଼ମହାଜନ ରହିପାରେ ଓ ଏପରି ଦେଶରେ ଦୁର୍ଭିକ୍ଷ ପଡ଼ିଲେ ତାହାକି ସହଜରେ ସ୍ଥାନୀୟ ଉପାୟ ଦ୍ୱାରା ନିବାରଣ ହୋଇପାରେ କେହି କେବେ ମଫସଲରେ ଧାନ କାହାରିକୁ ବିକ୍ରି କରିବା! ସକାଶେ ଦୋକାନ ଦେଇ ବସିବାର ଦେଖି ଅଛି ? ଏଥିରୁ କେବଳ ଏହି ଜଣାଏ ଯେ ମଫସଲରେ ଧାନର ଖରିଦଦାର ଅତିଅଳ୍ପ ଅର୍ଥାତ ଅଧିକାଂଶ ଲୋକଙ୍କଘରେ ଧାନ ଥାଏ । ଯଦ୍ୟପି କେତେକ ଜମିଦାର ଧାନ ରଖିଥାନ୍ତି ତାହା କେବଳ ଆସନ୍ନାକୃଷିର ଉଦ୍ୟମ କରିବାନିମନ୍ତେ ପ୍ରଜାମାନଙ୍କୁ ଦେଢ଼ିଦେଇ ସେମାନଙ୍କର ସୁଯୋଗ କରିଦେବାନିମନ୍ତେ ସଂଚୟ କରିଥାନ୍ତି ।

Digitized by srujanika@gmail.com

Split by PDF Splitter



ସେମାନେ ବ୍ୟବସାୟୀ ନୁହନ୍ତି ଏବଂ ଭବିଷ୍ୟତ୍ ଫସଲର ଆଗମ ନଦେଖିଲେ ସହସା ଶସ୍ୟ ଛାଡ଼ିଦେବାକୁ ସମ୍ମତ ହୁଅନ୍ତି ନାହିଁ ଯଦ୍ୟପି ଏସମସ୍ତ କଥା ଅନେକ ହାକିମମାନେ ପୂର୍ବରୁ ବିବେଚନା କରିଥାନ୍ତେ ତାହାହେଲେ ଅବଶ୍ୟ ଜାଣିପାରନ୍ତେ ଯେ ବିଦେଶରୁ ଶସ୍ୟ ଆନୟନ ବିନା ଲୋକଙ୍କର ରକ୍ଷାର ଉପାୟାନ୍ତର ନ ଥିଲା । ସତ୍ୟ କଦାଚ ଲୁଚି ରହେ ନାହିଁ । ପରିଶେଷରେ ସେହି କଥା ତାହାଙ୍କର ମନୋନୀତ ହେଲା ଓ ସେହି ଉପାୟ ଅବଲମ୍ବନ ଦ୍ୱାରା ପ୍ରାଣୀଙ୍କ ଦୁଃଖ ବିମୋଚନାର୍ଥ ଯତ୍ନ ପରିପୂର୍ଣ ହେଲେ ମାତ୍ର କେତେ ମନୁଷ୍ୟଜୀବନରକ୍ଷା ହେବ । ଉପ୍ରରୁ ଏ ଜ୍ଞାନର ଉଦୟ ହେଲା ? ଗବର୍ଣ୍ଣମେଣ୍ଟ ଯେବେ ବର୍ତ୍ତମାନ ଟ ୮୦୦୦ଙ୍କା ସାହାଯ୍ୟ କର୍ମ ଓ ଚାଉଳ ବେପାର ସକାଶେ ମଞ୍ଜୁର କଲେ ସେହି ପୂର୍ବରୁ ଆମ୍ଭର ଦୁରବସ୍ଥା ଯାଣିଥିଲେ ତାହା କରି ନ ଥାନ୍ତେ ? ଇଂରାଜ ରାଜଧାନୀପରି ପ୍ରଜାପାଳନର ଉତ୍ତମ ନିୟମ କୁତ୍ରାପି ଦୃଶ୍ୟ ହେଉନାହିଁ । ଆମ୍ଭମାନଙ୍କର ଅବସ୍ଥା ପୂର୍ବରୁ ଗବର୍ଣ୍ଣମେଣ୍ଟ ଜାଣି ନ ପାରିବାରୁ ଆମ୍ଭମାନଙ୍କର ଏ ଦୁର୍ଦ୍ଦଶା ହେଲା ।

ଗଞ୍ଜାମରେ କାର୍ତ୍ତିକ ମାସରେ ଏହି ପରି ଦୁର୍ଭିକ୍ଷର ଆଗମ ପ୍ରଦର୍ଶନ ହୋଇଥିଲା ମାତ୍ର ସେଠାରେ ମହାଜନମାନେ ସ୍ଥାନାନ୍ତରରୁ ଏତେପରିମାଣରେ ଚାଉଳଆଣି ଯମା କଲେ ଯେ ସେଠାରେ ଦୁର୍ଭିକ୍ଷ ନିବାରଣ ହୋଇ ଅନେକ କାଳ କଟକ ଓ ପୁରୀର ପ୍ରାଣ ରକ୍ଷାକଲା ।

ଯାହାହେଉ ବର୍ତ୍ତମାନ ରେବନ୍ସ ହାକିମମାନେ ଦୁର୍ଭିକ୍ଷ ନିବାରଣ ସକାଶେ ବିଶେଷ ଯତ୍ନ କରୁ ଅଛନ୍ତି । ତାହାଙ୍କର ଯେ ରୂପ ପରିଶ୍ରମ ନାନାକାରଣରୁ ତାଦୃଶ ଫଳହେଉ ନାହିଁ । ବର୍ଷାକାଳ ହେତୁରୁ ବନ୍ଦରଘର ଠାରୁ ଚାଉଳ ଆସିବାର ବିସ୍ତର କଷ୍ଟ ହେଉଅଛି ଓ ଯାହା ଆସୁଅଛି ତାହା ବିକ୍ରି କରିବାର ମଧ୍ୟ ଶୃଙ୍ଖଳା ନାହିଁ ଏକ ସ୍ଥାନରୁ ସମସ୍ତ ଲୋକଙ୍କୁ ଚାଉଳ ଯୋଗାଇବାର ଯେ ବିଧି ହୋଇଅଛି ତାହା କଦାଚ ଉତ୍ତମ ନୁହେଁ । ଅନେକ ଲୋକ ଅବଶ୍ୟ ନିକଟସ୍ଥ ମୁଦୀର ଆଶ୍ରିତ ହେବେ ଓ ତେତେବେଳେ ମୁଦୀମାନେ ଅଧିକ ମୂଲ୍ୟରେ ବିକ୍ରି କରିବାର ସୁଯୋଗ ପାଇବେ । ଖୁଚରାବିକ୍ରି ମୁଦୀଙ୍କ ଦ୍ୱାରା ହେଲେ ସମସ୍ତେ ଆପଣା ଆପଣା ଘର ପାଖରେ ଏକ ଭାଉରେ ଚାଉଳ ପାଇବେ ।

## ସାହାଯ୍ୟ କମିଟୀ

କଟକସ୍ଥ ଦୁର୍ଭିକ୍ଷ ନିବାରଣ କମିଟୀ ବିଷୟରେ ଗତ ପତ୍ରିକାରେ ଆମ୍ଭେ ଯାହା ଲେଖିଥିଲୁଂ ଚଳିତ ମାସ ତା ୧୦ ତାରିଖ ସଭାରୁ ତହିଁର ଅନେକ ପୋଷକତା

Digitized by srujanika@gmail.com

Split by PDF Splitter



ହୋଇଅଛି । କୁମେଟୀ ଏଥର ଜାଣି ପାରିଲେ ଯେ ଅସହାୟ ବାଳକମାନେ ବାସ୍ତବରେ ସାହାଯ୍ୟ ପାଉନାହାନ୍ତି ଓ ବାଳକ ରକ୍ଷାର୍ଥେ ଯେ ଉପାୟ କରିଅଛନ୍ତି ତାହା ବିଫଳ ହୋଇଥିବାର ମେମ୍ବରମାନେ ପ୍ରକାଶ୍ୟରେ ସ୍ୱୀକାର କରିଅଛନ୍ତି । ମଫସଲ ଅନ୍ନଛତ୍ର ତଦାରଖ ନାମରେ ଆମ୍ଭେ ଯେ ଆଶଙ୍କା କରିଥିଲୁଁ ତାହା ପ୍ରାୟ ସିଦ୍ଧ ହୋଇଥିଲା କାରଣ ଶ୍ରୀଯୁକ୍ତ କଲ୍‌ଭିନ୍ ସାହେବ ଜଣେ ଅପରିଚିତ ଫିରିଙ୍ଗିଙ୍କୁ ଉକ୍ତ କର୍ମରେ ନିଯୁକ୍ତ କରିଥିଲେ ମାତ୍ର ଆହ୍ଲାଦର ବିଷୟ ଯେ କୁମେଟୀ ସଦ୍‌ବିବେଚନା ପୂର୍ବକ ଏ ବନ୍ଦୋବସ୍ତ ନାମଞ୍ଜୁର କରି ଉପଯୁକ୍ତ ଲୋକ ରଖିବାପାଇଁ ମେନେଜରଙ୍କୁ ଆଦେଶ କରିଅଛନ୍ତି ।

କଟକ ଯାଜପୁର ଓ କେନ୍ଦ୍ରାପଡ଼ା ଛଡ଼ା ମଫସଲରେ ପ୍ରାଏ ୧୫।୧୬ ସ୍ଥାନରେ ଅନ୍ନଛତ୍ର ସ୍ଥାପନ ହୋଇ ଅଛି ଓ ସେ ସମସ୍ତ ସ୍ଥାନରେ ସସ୍ତା ଭାଉରେ ମଧ୍ୟ ବିକି ହେଉଅଛି । ମଫସଲ ଲୋକମାନେ ଯେ ରୂପ ଚାଉଳ ଅଭାବରେ ଦୁଃଖ ପାଉ ଅଛନ୍ତି ସେମାନେ ଯେ କଷ୍ଟରେ ଅଧିକ ମୂଲ୍ୟ ଦେଇ ଚାଉଳ କିଣିବେ ଏଥିରେ କିଛି ସନ୍ଦେହ ନାହିଁ ଏପରିଅନ୍ନ ଛତ୍ର ସକାଶ ଯେତେ ଚାଉଳ ରନ୍ଧାହେବା ଉପୁଯାଏ ସେଥିରୁ ଅଳ୍ପ ଚାଉଳ ଯାହା ଅବଶିଷ୍ଟ ଆପଣା ଆପଣା ଲାଭ କରିଥିବାର ସମ୍ଭାବନା ହୋଇପାରେ । ପ୍ରକୃତରେ କେନ୍ଦ୍ରାପାଟଣା ଅନ୍ନଛତ୍ରର ଦରୋଗାଙ୍କୁ ଏପ୍ରକାର ଦୁଷ୍କର୍ମରେ ଶ୍ରୀଯୁତ ଓବେଷ୍ଟର ସାହେବ ଗିରପ୍ତାର କରିବାରୁ ସେ ସବାବ ଉତ୍ତରେ ତଲବ ହୋଇଅଛି । ଅତଏବ ଏସମସ୍ତ ବିଷୟର ଅନୁସନ୍ଧାନ କରିବା କି ପର୍ଯ୍ୟନ୍ତ ଆବଶ୍ୟକ ତାହା ଲେଖିବାର ବାହୁଲ୍ୟ ।

ପୁରି ଜିଲ୍ଲାର ଦୁର୍ଭିକ୍ଷ କୁମେଟୀର ଗତ ଜୁଲାଇ ମାସ ତା ୩୦ ରିଖ ସଭାର ବର୍ଣ୍ଣନାରୁ ଅବଗତ ହେଲୁଁ ଯେ ସେଠାରେ ଦୁର୍ଭିକ୍ଷ ନିବାରଣର ଉପାୟ କଟକାପେକ୍ଷା ଉତ୍ତମ ହେଉ ଅଛି ଉକ୍ତ ତାରିଖରେ ଶେଷ ହୋଇଥିବା ସପ୍ତାହ ମଧ୍ୟରେ ୧୩୧୫୭ ଜଣ ସାହାଯ୍ୟ ପାଇଥିଲେ ଓ ଦୁଃଖୀଙ୍କୁ ବସ୍ତ୍ର ଦୟା ଦିବାର ବନ୍ଦୋବସ୍ତ ହୋଇଅଛି । ଉକ୍ତ ସ୍ଥାନର ଧନାଢ୍ୟ ଲୋକମାନେ ସାହାଯ୍ୟ କର୍ମରେ ନିରୁତ୍ସାହ ନାହାନ୍ତି । କୁମେଟୀ ହେବାର ପୂର୍ବଦିନ ସେଠା ନିବାସୀ ୪ଜଣ ସମ୍ଭ୍ରାନ୍ତ ବ୍ୟକ୍ତି ଅନେକ ଦୁଃଖୀଙ୍କୁ ବସ୍ତ୍ର ଦାନ କରିଅଛନ୍ତି । ଶ୍ରୀଯୁତ ମହନ୍ତ ମୋହନ ଦାସ ଏକାକୀ ୧୮୦ ଖଣ୍ଡ ଲୁଗା ବିତରଣ କରିଅଛନ୍ତି । ମହନ୍ତ ମହୋଦୟଙ୍କର ଏପ୍ରକାର ଦୟାଶୀଳତା ଦର୍ଶନରେ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ହୋଇ ଅଛୁଁ ଓ ଭର୍ଷା କରୁଁ ଯେ ଉତ୍କଳ ବାସୀ ସମସ୍ତ ଧନୀମାନେ ଏହି ପ୍ରକାର ସତ୍ କାର୍ଯ୍ୟରେ ପ୍ରବୃତ୍ତ ହୋଇ ଅବଲମ୍ବରେ ଦେଶର ଗୌରବ ଓ ଆପଣା ଆପଣା ଖ୍ୟାତି ବୃଦ୍ଧି କରିବେ ।

Digitized by srujanika@gmail.com

Split by PDF Splitter



ବାଲେଶ୍ୱର ଜିଲ୍ଲାର କୁମେଟୀମାନେ ଗତ ଜୁଲାଇ ମାସ ତା୨୮ରିଖରେ ଶେଷ ହୋଇଥିବା ସପ୍ତାହ ମଧ୍ୟରେ ସାମାନ୍ୟ କର୍ମକ୍ଷମ ୨୨୪୪୭ ଓ କର୍ମ ଓ କର୍ମ ଅକ୍ଷମ ୧୪୨୯୧୫ ଲୋକଙ୍କୁ ସାହାଯ୍ୟ ଦାନ କରିଅଛନ୍ତି । ଓ ବିନା ମୂଲ୍ୟରେ ୫୫୬୭ ମହଣ ଚାଉଳ ବିତରଣ ହୋଇଅଛି । ଓ ଅଳ୍ପ ମୂଲ୍ୟରେ ୩୩୨୫୫ମହଣ ବିକ୍ରି ହୋଇଅଛି । ଏଥିରୁ ଦେଖାଯିବ ଯେ ସର୍କାର ପକ୍ଷରୁ ଉପାୟ ହୋଇନଥିଲେ କେତେ ପ୍ରାଣୀ ନଷ୍ଟ ହୋଇଥାନ୍ତେ କିନ୍ତୁ ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଶୁଣୁ ଅଛୁଁ ଯେ ଯେତେ ଚାଉଳ ଆବଶ୍ୟକ ତେତେ ବାଲେଶ୍ୱରକୁ ଆସିପାରୁ ନାହିଁ । ଯେଉଁମାନେ ଅଳ୍ପ ପରିଶ୍ରମ ସାଧ୍ୟ କର୍ମ କରୁଅଛନ୍ତି ସେମାନଙ୍କ ମଧ୍ୟରୁ ପୁରୁଷଙ୍କୁ ଦୁଇ ଅଣା ସ୍ତ୍ରୀମାନଙ୍କୁ ସାତ ପଇସା ଓ ବାଳକମାନଙ୍କୁ ପାଞ୍ଚ ପଇସା ଲେଖାଏ ପ୍ରତିଦିନ ଦିଆଯାଉଅଛି । ବାଲେଶ୍ୱର ଟ ୮୦ଙ୍କା ଓଜନ ସେରରେ ଟଙ୍କାରେ ପାଞ୍ଚ ସେର ଲେଖାଏ ମିଳୁଅଛି । ଏଥିରେ ସାହାଯ୍ୟ କୁମେଟୀ କି ବିବେଚନା ରେ ସେମାନଙ୍କୁ ଚାଉଳ ନଦେଇ ପଇସା ଦେଉ ଅଛନ୍ତି ବୁଝାଯାଉ ନାହିଁ ।

---

## ସାହାଯ୍ୟ ତାଲିକା

ସାହାଯ୍ୟ କୁମେଟୀ ସମ୍ପର୍କରେ ଗବର୍ଣ୍ଣମେଣ୍ଟଙ୍କ ପ୍ରତି ସପ୍ତାହରେ ଯେ କାଗଜମାନ ଯାଉଅଛି ସେଥିରେ ଆମ୍ଭେମାନେ ଏକ ଗୁରୁତର ଅଭାବ ଦେଖୁଅଛୁଁ । ସାପ୍ତାହିକ ନକ୍ସାରେ କେବଳ କେତେ ଲୋକ ସାହାଯ୍ୟ ପାଇଲେ ଓ କେତେ ଲୋକ ଅନାହାରରେ ମଲେ ଏହିମାତ୍ର ପ୍ରକାଶ ହୁଏ ମାତ୍ର କେଉଁ ଯାତି କି ବ୍ୟବସାୟର କେତେ ଲୋକ ଦୁର୍ଭିକ୍ଷରୁ ଅଧିକ କଷ୍ଟ ପାଉଅଛନ୍ତି ଓ ଜିଲ୍ଲାର କେଉଁ ଅଂଶ କି ପରଗଣାରେ ଅକାଳ ଅଧିକ ପ୍ରବଳ ହୋଇ ଅଛି ତାହା ଜାଣିବାର ଅତି ଆବଶ୍ୟକ । ରାଜାର କର୍ତ୍ତବ୍ୟ ଯେ ପ୍ରଜାଙ୍କ ଅବସ୍ଥାରୁ ସମ୍ୟକ୍‌ରୂପେ ଜ୍ଞାତ ହୋଇ ତାହାଙ୍କ ସୁଖ ସ୍ୱାଚ୍ଛନ୍ଦତା ସକାଶ ଉପାୟ କରିବେ ଓ ଯେ ସ୍ଥାନରେ ଯେ ପ୍ରତିବନ୍ଧକ ଥିବାରୁ ଲୋକଙ୍କର କ୍ଳେଶ ହୁଏ ତାହା ଦୂର କରିବାକୁ ଯତ୍ନବାନ୍ ହେବେ । ଅତଏବ ଆମ୍ଭେମାନେ ପ୍ରସ୍ତାବ କରୁଅଛୁଁ ଯେ ଶ୍ରୀଯୁକ୍ତ କମିସ୍ନର ସାହେବ ଏଥିର ବିସ୍ତର କରି ଉପର ଲେଖିତ ଦୁଇ ବିଷୟର ସଂବାଦ ପାଇବା କାରଣ ପ୍ରତି ଜିଲ୍ଲାର ସାହାଯ୍ୟ କୁମେଟୀଙ୍କୁ ଆଜ୍ଞା ଦେବେ । ସେମାନେ ଯେ ଅକ୍ଳେଶରେ ଏ ସମ୍ବାଦ ଦେଇ ପାରିବେ ତାହା ଉତ୍ତମ ବିଶ୍ୱାସ ହେଉଅଛି ।

---

Digitized by srujanika@gmail.com

Split by PDF Splitter



# ସଂବାଦ

ଚଳିତ ମାସ ତା ୫ ରିଖ ଠାରୁ ତା ୯ ରିଖ ପର୍ଯ୍ୟନ୍ତ ପୁରୁଷୋତ୍ତମରେ ଅତ୍ୟନ୍ତ ବୃଷ୍ଟି ଓ ଶୀତ ହେବାରେ ଦୁର୍ଭିକ୍ଷ ପୀଡ଼ିତ ୨୦୦ ଲୋକ ପ୍ରଥମ ବର୍ଷାରେ କାଳ ଗ୍ରାସରେ ପତିତ ହେଲେ । ସେମାନଙ୍କ ନିମନ୍ତେ ଗୃହ ନିର୍ମାଣର ଆୟୋଜନ ହେଉ ଅଛି । ଏତେ ଉପାୟ ଥାଉ ଥାଉ ସହରରେ ଜ ୨୦୦ ଣ ମଲେ ମଫସଲରେ କି ନହୋଇଥିବ ?

ଗତ ତା ୨୮ ରିଖ ଯୁଲାଇରେ ଶେଷ ହୋଇଥିବା ସପ୍ତାହ ମଧ୍ୟରେ ବାଲେସର ଜିଲାରେ ଜ ୮୦୧ ଣଙ୍କର ମୃତ୍ୟୁ ହୋଇଅଛି ଓ ସେହିମାସ ମଧ୍ୟରେ କେବଳ ବାଲେସର ସହର ମଧ୍ୟରେ ୨୧୨୦ ମରି ଅଛନ୍ତି ଓ ୨୧୧୪ ଜଣଙ୍କୁ ଚକିତ୍ସା ହୋଇଅଛି । ଏହି ପରିମାଣରେ ଯଦି କିଛି କାଳ ଲୋକ ମରନ୍ତି ତେବେ ଏ ଦେଶ ଏକାବେଳେକେ ମନୁଷ୍ୟ ଶୂନ୍ୟ ହେବାର କିଛି ଆଶ୍ଚର୍ଯ୍ୟ ନୁହେଂ ।

ଇଟାଲି ଦେଶସ୍ଥ ଡାକ୍ତର ତ୍ରିବନ ସାହେବ ଓଲାଉଠା ରୋଗର ଏକ ଅତି ସହଜ ଉପାୟ ଆବିଷ୍କୃତ କରି ଅଛନ୍ତି । ଓଲାଉଠା ରୋଗାକ୍ରାନ୍ତ ବ୍ୟକ୍ତିକୁ କମ୍ବଳ ଦ୍ୱାରା ଆବୃତ କରି ପ୍ରତି ପାଞ୍ଚ ମିନିଟ ଅନ୍ତେ ୪ ଟୋପା ଲେଖାଏ କର୍ପୁର ଅର୍କ କନ୍ଦରେ ପକାଇ ଖାଇବାକୁ ହେବ ଓ ରୋଗର ପ୍ରଚଣ୍ଡତା ଅନୁସାରେ ଔଷଧର ମାତ୍ରା ବୃଦ୍ଧି କରିବାକୁ ହେବ । ଏ ଉପାୟ ଦ୍ୱାରା ଅନେକ ପ୍ରାଣ ରକ୍ଷା ହୋଇଅଛି । ଏପରିକି ଯେଉଁ ସ୍ଥଳରେ ଔଷଧ ପ୍ରୟୋଗ ହୋଇଅଛି ସମସ୍ତେ ଆରୋଗ୍ୟ ଲଭ କରି ଅଛନ୍ତି । ଔଷଧ ଅତି ସୁଲଭ କଲିକତାରେ ପ୍ରତି ବୋତଲ ଏକଟଙ୍କା ମୂଲ୍ୟରେ ମିଳିପାରେ । ଏଦେଶରେ ଓଲାଉଠା ବ୍ୟାଧି ଦିନକୁ ଦିନ ଅଧିକ ପ୍ରବଳ ହୋଇ ମନୁଷ୍ୟ ନଷ୍ଟ ହେଉଅଛନ୍ତି, ସମସ୍ତଙ୍କୁ ଏ ସହଜ ଔଷଧ ନିକଟରେ ରଖିବାର ଅତି ଆବଶ୍ୟକ ।

---

## ଏ ସପ୍ତାହରେ ଚାଉଳର ଭାଉ

କଟକରେ ଟ ୧୦୫ ଙ୍କା ସେରରେ ସେ ୪୩ଠାରୁ ସେ ୫ ର ପର୍ଯ୍ୟନ୍ତ

ପୁରୁଷୋତ୍ତମରେ ... ... ... ସେ ୪ର ଠାରୁ ସେ ୪। ପର୍ଯ୍ୟନ୍ତ

ବାଲେସରରେ ... ... ... ସେ ୨। ଠାରୁ ସେ ୨୩ ପର୍ଯ୍ୟନ୍ତ

ବାଲେସରରେ ସରକାରୀ ରିଲିଫ ଶେଷ ହୋଇ ଯିବାରୁ ଏପରି ଦୁର୍ଦ୍ଦଶା ହୋଇଅଛି ।

Digitized by srujanika@gmail.com

Split by PDF Splitter



କଟକର ଶ୍ରେଷ୍ଠ ଅଦାଲତର ଓକଲ ରଘୁନାଥ ଦାସଙ୍କ ପୁତ୍ର ମଧୁସୂଦନ ଦାସ କଲିକତାକୁ ଯାଇ ସେଠାରେ ଖ୍ରୀଷ୍ଟିୟାନ ଧର୍ମ ଅବଲମ୍ବନ କରି ଅନ୍ଧକାର କୂପରୁ ଉଦ୍ଧାର ପାଇ ବର୍ତ୍ତମାନ ସ୍ୱର୍ଗମାର୍ଗରେ ଭ୍ରମଣ କରୁ ଅଛନ୍ତି । ସେଠାରୁ ବାଲେଶର ସ୍କୁଲର ଚତୁର୍ଥ ମାଷ୍ଟରରେ ନିଯୁକ୍ତ ହୋଇଯାନ୍ତି । ଏଥିପର ସେଠାକାର ସିରେଜଷ୍ଟର ଏଲକାର କେରାଣି ଗିରିରେ ସେ ଚଢ଼ିଲେ । କିଛି ଟଙ୍କା ସରକାରି ତହ ବିଲରୁ ଖର୍ଚ୍ଚ କରିଥିବାରୁ ସେ ଏ କର୍ମରୁ ମାଫୁଲ ହୋଇ କଲିକତା ପଳାଇଲେ । ଖ୍ରୀଷ୍ଟିୟାନ ଧର୍ମ ଅବଲମ୍ବନ କରିବା ମାତ୍ରକେ ସେହି ଧର୍ମସ୍ଥ ଏକ ସ୍ତ୍ରୀର ପାଣି ଗ୍ରହଣ କଲେ । ବୋଧହୁଏ ଏହି ଲୋଭରେ ଅନେକ ଖ୍ରୀଷ୍ଟିୟାନ ହେଉଅଛନ୍ତି ।

କିଂ କୁର୍ବନ୍ତି ନ କୁର୍ବନ୍ତି କାମିନୀ ବଶଗାନରାଃ
ଯତ୍ର କାମିନ୍ୟା ପ୍ରଯାଦେନ ନୃପତି ର୍ଘୋଟକାୟତେ ।

ଗତ ସପ୍ତାହରେ ଆମ୍ଭେ ନଦୀ ବୃଦ୍ଧିର କଥା ଲେଖିଥିଲୁଁ । ଏଥିରେ ଅନେକ ଛତି ହୋଇ ଥିବାର ଶୁଣାଯାଏ । ଅନେକ ବର୍ଷରୁ ଏରୂପ ନଦୀ ବୃଦ୍ଧି ହୋଇ ନ ଥିଲା ଓ ଏଥର ପ୍ରାଏ ଅଠଦିନ ପର୍ଯ୍ୟନ୍ତ ନଦୀର କୂଳମାନ ବୁଡ଼ି ରହିବାରୁ ବିଆଳି ଶସ୍ୟର ବିଶେଷ ହାନି ହୋଇ ଅଛି । ଓ ମଧ୍ୟ ନାନା ସ୍ଥାନରେ ବନ୍ଧମାନେ ଭାଙ୍ଗି ଘର ଇତ୍ୟାଦି ଧୋଇ ନେଇଥିବାର ଶୁଣାଯାଏ । ଅବଧି ବାଟରେ ଜଳ ବନ୍ଧର ଥିବାରୁ ମଫସଲରୁ ପ୍ରକୃତ ସମ୍ବାଦ ପାୟା ଯାଇନାହିଁ । ଏ ସକାଶେ ଆମ୍ଭେ ଏଥର ବନ୍ୟାଗତ ବର୍ଣ୍ଣନା ଆଗ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ ରଖିଲୁଁ ।

---

## ପ୍ରେରିତ ପତ୍ର

ସୁହୃଦବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହୋଦୟ
ସମୀପେଷୁ ।

ସମ୍ମାନ ପୁରଃସର ନିବେଦନ ମେତତ୍ । ଆପଣଙ୍କ ନୂତନ ପତ୍ରିକାରେ ପ୍ରକଟନ ନିମିତ୍ତ କେତେକ ପଦ୍ୟ ପ୍ରେରଣ କରୁ ଅଛୁଁ । ଆପଣ କୃପା ବିତରଣ ପୂର୍ବକ ତାହା ସଂଶୋଧନାନ୍ତର ସ୍ୱୀୟ ପତ୍ରିକାପାର୍ଶ୍ୱରେ ସ୍ଥାନଦାନ କରି ଆମ୍ଭର ନବଉତ୍ସାହ ବର୍ଦ୍ଧନ କରିବାରେ କୃପଣତା ନ କରିବେ ।

ସମ୍ପାଦକ ମହୋଦୟ । ରାଜା ଯେମନ୍ତ ଶତଶତ, ରାଜ୍ୟ ଲାଭ୍ୟରେ ସନ୍ତୁଷ୍ଟ ହୁଅନ୍ତି । ଅପତ୍ୟ ହୀନ ବ୍ୟକ୍ତି ବହୁ ଦିବସ ନିରପତ୍ୟତା ଉତ୍ତାରେ ସନ୍ତାନର ମୁଖାରବିନ୍ଦ ଦର୍ଶନ କଲେ ଯେପରି ଅପରିମିତ ସୁଖାନୁଭବ କରନ୍ତି । ଗୃହସ୍ଥ ସ୍ୱୀୟ ଭବନରେ

Digitized by srujanika@gmail.com

Split by PDF Splitter



ହଠାତ୍ ରତ୍ନ ଖଣି ଦର୍ଶନ କଲେ ଯେପରି ହର୍ଷସାଗରରେ ନିମଗ୍ନ ହୁଅନ୍ତି । ଆପଣଙ୍କ ଉତ୍କଳ ଦୀପିକା ନାମକ ସାପ୍ତାହିକ ପତ୍ରିକାର ପ୍ରଥମ ସଂଖ୍ୟା ଦୃଷ୍ଟି ହେବା ମାତ୍ରକେ ଆମ୍ଭେ ତଦପେକ୍ଷା ଅସଂଖ୍ୟ ଗୁଣରେ ଆନନ୍ଦଲାଭ କଲୁଁ । ଆପଣଙ୍କର ଏହି ଉଦ୍ଦେଶ୍ୟ ଜାଣିବା ନିମନ୍ତେ ସମସ୍ତେ କୌତୁହଳାକ୍ରାନ୍ତ ହେବେ । କାରଣ କି ନୂତନ ବିଷୟରେ ମନୁଷ୍ୟଙ୍କ କୌତୁକୋତ୍ପତ୍ତି ହେବାର ସ୍ୱଭାବସିଦ୍ଧ । ଯେତେବେଳେ ଆମ୍ଭେମାନେ କୌଣସି ଅଜ୍ଞାତ ପଦାର୍ଥ ଦେଖିବାକୁ ପାଉଁ ତେତେବେଳେ ଆମ୍ଭମାନଙ୍କ ମନରୁ ଏହି ଭାବଉତ୍ପନ୍ନ ହୁଏ ଇହା କି ? ଏବଂ ଇହାର ପ୍ରୟୋଜନ କି ? ତେତେବେଳେ ତାହାର ବିଷୟ ଅନୁସନ୍ଧାନ କରିବାକୁ ଆରମ୍ଭ କରୁଁ । ଆଉ ଏହି ପ୍ରକାରରେ ତତ୍ ବିଷୟରେ ଜ୍ଞାନ ମଧ୍ୟ ଲାଭ କରି ଥାଉଁ । ଜଗଦୀଶ୍ୱର ମନୁଷ୍ୟଙ୍କ ହୃଦୟରେ କୌତୁହଳ ବୃତ୍ତି ସୃଜନ କରିଦେଇ ଅପାର ମହିମା ବ୍ୟକ୍ତ କରି ଅଛନ୍ତି । କୌତୁହଳ ପ୍ରବୃତ୍ତିଥିବାରୁଁ ଆମ୍ଭମାନଙ୍କ ନୂତନ ବସ୍ତୁ ଜାଣିବାର ଅଭିଲାଷ ଜନ୍ମେ ତଦନୁସାରେ ଆମ୍ଭେମାନେ ସକଳ ବିଷୟରେ ଜ୍ଞାନଲାଭ କରିବାକୁ ସମର୍ଥ ହେଉଁ । ଇହା ନ ଥିଲେ ଆମ୍ଭେମାନେ ଜ୍ଞାତ ଓ ଜ୍ଞାତବ୍ୟ ବସ୍ତୁସମ୍ବନ୍ଧେ ଅଜ୍ଞ ହୋଇ ଥାନ୍ତୁ । ସୁତରାଂ ଆମ୍ଭମାନଙ୍କ ଲୋକଯାତ୍ରା ନିର୍ବାହ ଦୁଷ୍କର ହୁଅନ୍ତା ।

ଅନ୍ୟ ଅନ୍ୟ ଦେଶର ବିଦ୍ୟୋତ୍ସାହିମାନେ ଆପଣା ଆପଣା ଭାଷାର ଉନ୍ନତି ବିଷୟରେ ବିଶେଷ ଯତ୍ନଯୁକ୍ତ ହୋଇ ବିବିଧ ଜ୍ଞାନୋପଯୋଗୀ ସମ୍ବାଦପତ୍ର ପ୍ରକାଶ କରି ସର୍ବସାଧାରଣର ଉପକାର ଦର୍ଶାଇବାରୁଁ ଯେପରି ଫଳ ଲାଭ କରିଅଛନ୍ତି ସେହିପରି ଆପଣ ଅସ୍ମଦ୍ଦେଶରେ ମଙ୍ଗଳ ବର୍ଦ୍ଧନ ଉଦ୍ଦେଶ୍ୟରେ ଯେ ମହଦନୁଷ୍ଠାନରେ ପ୍ରବୃତ୍ତ ହୋଇଅଛ ତହିଁରେ ଶୀଘ୍ର ସର୍ବସାଧାରଣର ପ୍ରିୟଭାଜନ ହୋଇ ଈଶ୍ୱରଙ୍କ ପ୍ରିୟ କାର୍ଯ୍ୟ ସାଧନ କରି ଅନ୍ତେ ପରମପଦକୁ ପ୍ରାପ୍ତ ହୁଅନ୍ତୁ ଓ ସର୍ବାଶ୍ରୟ ପରମ ପ୍ରେମମୟ ପରମେଶ୍ୱରଙ୍କ ନିକଟରେ ଆମ୍ଭର ଏହି ପ୍ରାର୍ଥନା ଯେ ଏହି ଉତ୍କଳ ଦୀପିକା ଯେମନ୍ତ ସାଧାରଣ ଉପକାରିଣୀ ହୋଇ ଚିରସ୍ଥାୟିନୀ ହେଉ ।

କଟକ
ତା ୯ ରିଖ ଅଗଷ୍ଟ ସ ୧୮୬୬ } ଶ୍ରୀ ହାରାଧନ ଘୋଷ

## ପୁସ୍ତକ ବିକ୍ରୟ ।

## ଉତ୍କଳ ଭାଷା

ଉତ୍କଳ ଓ ମୁଦ୍ରାର ବିଷୟରେ ନୂତନ ଦସ୍ତୁର ଅମଲ
ସନ ୧୮୬୫ ମସିହା ୨୦ ଆଇନର ଖୋଲସା ସହିତ } ମୂଲ୍ୟ ୦।

ସନ ୧୮୫୯ ମସିହାର ୧୪ ଆଇନ ... ... ମୂଲ୍ୟ ଟ ୦।

ରେଜଷ୍ଟରି ଫିସ ନିର୍ଣ୍ଣୟ ... ... ମୂଲ୍ୟ ଟ ୦୵

ଏ ପୁସ୍ତକମାନ ଯାହାଙ୍କର ପ୍ରୟୋଜନ ହେବ ଆଲମଚାନ୍ଦ ବଜାର ଛାପାଖାନାରେ ତତ୍ତ୍ୱ କଲେ ପାଇବ ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକାର ମୂଲ୍ୟ ଓ ନିୟମ

| | |
|---|---|
| ଅଗ୍ରିମ ବାର୍ଷିକ ମୂଲ୍ୟ | ଟ ୫ ଙ୍କା |
| ଛମାସର ଅଗ୍ରିମ ମୂଲ୍ୟ | ଟ ୲ |
| ତିନମାସର ଏକ୍ନ | ଟ ୧୲ |
| ବର୍ଷାନ୍ତେ ମୂଲ୍ୟ ହେଲେ ବର୍ଷକୁ | ଟ ୬ ଙ୍କା |
| ପ୍ରତି ଖଣ୍ଡର ମୂଲ୍ୟ | ଟ ୰ |

ମନ୍ତବ୍ୟ :—

୧ । ଗ୍ରାହକ ହେବା ସମୟଠାରୁ ଅଥବା କୌଣସି ବର୍ଷ ଆରମ୍ଭରୁ ତିନ ମାସ ମଧ୍ୟରେ ଉକ୍ତ ବର୍ଷର ଅଗ୍ରିମ ମୂଲ୍ୟ ନ ଦେଲେ ବର୍ଷାନ୍ତେ ଯେ ମୂଲ୍ୟ ଧାର୍ଯ୍ୟହେଲ ସେହି ମୂଲ୍ୟ ସେ ବର୍ଷ ସକାଶେ ଦେବାକୁ ହେବ । ଓ ଛ ମାସର ଆଗତୁରା ମୂଲ୍ୟ ନ ପଠାଇଲେ ମଫସଲକୁ କାଗଜ ପଠାଯିବ ନାହିଁ ।

୨ । ମଫସଲ ନିବାସୀ ଗ୍ରାହକମାନେ ଆପଣା ପତ୍ର ପ୍ରାପ୍ତିର ଅନ୍ୟ ଉପାୟ ନ କଲେ ଡାକ ଯୋଗେ ତାଙ୍କ ନିକଟକୁ ପତ୍ର ପଠାଇବା ସକାଶ ଉପର ଲେଖିତ ମୂଲ୍ୟ ଉପରେ ଡାକ ରସୁମ ବର୍ଷକୁ ଟ ୩ । ହିସାବରେ ପଠାଇବେ ମାତ୍ର ଏକ ସ୍ଥାନରେ ବାସ କରୁଥିବା ତିନ ଚାରି ବ୍ୟକ୍ତି ଏକ ମାସୁଲରେ ଆପଣା ଆପଣା ସମ୍ବାଦ ପତ୍ର ପାଇ ପାରିବେ ।

୬ । ବିଶେଷ ଲୋକର ଉପକାରାର୍ଥେ ବିଜ୍ଞାପନମାନ ଛାପା କରାଇବାର ଯାହାଙ୍କର ଆବଶ୍ୟକ ହୁଅଇ ତାହାଙ୍କୁ ତଳ ଲେଖିତ ମତେ ଖର୍ଚ୍ଚା ଅଗ୍ରେ ଦେବାକୁ ହେବ । ଯଥା—

| | | |
|---|---|---|
| ଧାଡ଼ି ପ୍ରତି | — | ଟ ୦୵ |
| ଅର୍ଦ୍ଧ ପୃଷ୍ଠା | — | ଟ ୦୳ |
| ପ୍ରତି ପୃଷ୍ଠା | — | ଟ ୧ ଙ୍କା |

ସର୍ବଦା କୌଣସି ବିଷୟ ଛପାଇବାର ଯାହାଙ୍କୁ ଆବଶ୍ୟକ ହୁଅଇ ସେମାନେ ଚୁକ୍ତି କରିବାକୁ ଚାହିଁଲେ ଅତିଅଳ୍ପ ଖର୍ଚ୍ଚରେ ତାହା କରିପାରିବେ । ଏ ସମ୍ବାଦ ସମ୍ପର୍କୀୟ ସମସ୍ତ ଚିଠିପତ୍ର ଓ ଟଙ୍କା ଇତ୍ୟାଦି ଶ୍ରୀ ଗୌରୀଶଙ୍କର ରାଏ ମେନେଜରଙ୍କ ନିକଟକୁ ପଠାଇବାକୁ ହେବ ।

---

ସହର କଟକ ଆଲମଚାନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନିର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସଂବାଦପତ୍ର

୧ମ ଭାଗ ଶନିବାର ତା ୨୫ ରିଖ ମାହେ ଅଗଷ୍ଟ ସନ ୧୮୬୬ ମସିହା ।
।ମୁ। ଦ ୧୧ ନ ଭାଦ୍ରବ ସନ ୧୨୭୩ ସାଲ ଚତୁର୍ଥ ସଂଖ୍ୟା

## କଟକସ୍ଥ ସାହାଯ୍ୟ କୁମେଟୀ

ଚଳିତ ମାସ ତା ୧୭ ରିଖରେ ସାହାଯ୍ୟ କୁମେଟୀର ଯେ ସଭା ହୋଇ ଥିଲା ତହିଁର ବିବରଣ ପାଠ କରିବାରେ ଜଣା ଗଲା ଯେ କୁମେଟୀ ଉତ୍ତରୋତ୍ତର ହେବାର ଲକ୍ଷଣ ପ୍ରଦର୍ଶନ କରୁଅ ଅଛନ୍ତି । ଏସଭାରେ ଯେ ବିଷୟମାନ ଧାର୍ଯ୍ୟହେଲା ତନ୍ମଧ୍ୟରୁ ନିମ୍ନ ଲିଖିତ ସୁନିୟମମାନ ସ୍ଥିର ହୋଇଅଛି, ଯଥା—

୧। କୁମେଟୀର ମେମ୍ବରଙ୍କ ମଧ୍ୟରେ ନିମ୍ନଲିଖିତ ଦେଶୀୟ ଲୋକ ନିଯୁକ୍ତ ହୋଇ ଅଛନ୍ତି ।

ଶ୍ରୀଯୁତ ଶ୍ରୀ ରାଜା ଭଗୀରଥ ମହେନ୍ଦ୍ର ବାହାଦୁର । କ । ଢେଙ୍କାନାଳ
ଶ୍ରୀଯୁତ ବାବୁ ରଙ୍ଗଲାଲ ବନ୍ଦୋପାଧ୍ୟାୟ
ଶ୍ରୀଯୁତ ଦୀନାନାଥ ସରକାର
ଶ୍ରୀଯୁତ ଈଶାନ ଚନ୍ଦ୍ର ବନ୍ଦୋପାଧ୍ୟାୟ
ଶ୍ରୀଯୁତ ଲକ୍ଷ୍ମୀନାରାୟଣ ରାଏ ଚୌଧୁରୀ

୨। ଗୃହସ୍ଥ ଦୁଃଖୀ ସ୍ତ୍ରୀ ମାନଙ୍କୁ ସୁତା କାଟିବା ସକାଶେ ତୁଳା ଦିଆଯିବ ଓ ତାହା ସେମାନେ କାଟି ଦେଲେ ସେମାନଙ୍କ ପ୍ରତି ପୋଷଣ ଅନୁସାର ମୂଲ ଦିଆଯିବ ।

୩। ସହରରେ ଯେଉଁ କଙ୍ଗାଳମାନେ ପୀଡ଼ିତ ହୋଇ ବାଟରେ ପଡ଼ିଥାନ୍ତି ସେମାନଙ୍କୁ ଡାକ୍ତର ଖାନାକୁ ନେବା ସକାଶେ ଡୋଲି ଓ ବେହେରା ନିଯୁକ୍ତ ହେବେ ।

୪। କଙ୍ଗାଳମାନଙ୍କୁ ଲୁଗା ଦିଆଯିବ ।

Digitized by srujanika@gmail.com

Split by PDF Splitter



ଏ ବିଷୟମାନ ଅତି ସୁନ୍ଦର ହୋଇଅଛି ମାତ୍ର ଆଶ୍ଚର୍ଯ୍ୟ ଏହି ଯେ କମେଟୀ ଏତେ କାଳ ଏହି ବିଷୟମାନ ଶ୍ରବଣ କରିଥିଲେ ତଥାପି ବିଳମ୍ବ ହେଲେ ସୁଦ୍ଧା ଯେଉଁମାନେ ଏପର୍ଯ୍ୟନ୍ତ ବଞ୍ଚି ଅଛନ୍ତି ସେମାନଙ୍କର ଉପକାର ହେବ । ଦେଶୀୟ ଲୋକ ମେମ୍ବର ହେବାର କେତେ ଆବଶ୍ୟକ ତାହା ଆମ୍ଭେ ପୂର୍ବରୁ ଲେଖିଅଛୁଁ । ଓ ଦେଶୀୟ ମେମ୍ବର ଯଦି ପୂର୍ବରୁ ନିଯୁକ୍ତ ହୋଇଥାନ୍ତେ ତେବେ ଗୃହସ୍ଥ ସ୍ତ୍ରୀ ଲୋକଙ୍କ ପ୍ରତିପାଳଣର ଉପାୟ ଅନେକ ଦିନୁ ହୋଇଥାନ୍ତା । ଏହି ସ୍ତ୍ରୀମାନଙ୍କ ପ୍ରତିପୋଷଣର ଭିନ୍ନ ଉପାୟ କରିବା ନିମନ୍ତେ ଏ ଦେଶସ୍ଥ ଜଣେ ଭଦ୍ର ଲୋକ ପୂର୍ବେ ଥରେ କମେଟୀର ସାହାଯ୍ୟ ପ୍ରାର୍ଥନା କରିବାରୁ କମେଟୀର ମେମ୍ବରମାନେ କହିଲେ ଯେ ଯଦି ସେମାନେ ଅନ୍ନଛତ୍ରରେ ଖାଇବାକୁ ସ୍ୱୀକାର ନକରନ୍ତି ତେବେ ମରନ୍ତୁ କମେଟୀ ସେମାନଙ୍କ ସକାଶ ଭିନ୍ନ ଉପାୟ କରିବେ ନାହିଁ । ଇଂରାଜ ମେମ୍ବର-ମାନେ ଏଦେଶସ୍ଥ ହିନ୍ଦୁ ସ୍ତ୍ରୀମାନଙ୍କ ରୀତିରୁ ଅନଭିଜ୍ଞ ଥିବାରୁ ଏପ୍ରକାର କହିଲେ ଏ ଦେଶୀୟ କେହି ମେମ୍ବର ଥିଲେ ଏ ପ୍ରକାର ହୋଇ ନଥାନ୍ତା ଓ ଅନେକ ପ୍ରାଣୀ ରକ୍ଷା ପାଇଥାନ୍ତେ । ବର୍ତ୍ତମାନ ସୂତା କଟାଇବାର ଯେ ପ୍ରସ୍ତାବ ହୋଇଅଛି ତାହା କେବଳ କମେଟୀ ଆପଣା ମନରୁ ବାହାର କରିଥିବାରୁ ଆମ୍ଭମାନଙ୍କର ବିଶ୍ୱାସ ହେଉନାହିଁ । କୃଷ୍ଣନଗରର ଜଣେ ସୁବିଜ୍ଞ ଜମିଦାର ସେଠା ଲୋକଙ୍କ ସାହାଯ୍ୟ ନିମନ୍ତେ ଏହି ପ୍ରକାର ଉପାୟ କରିଥିବାରୁ ତାହା ଏଠାରେ ପ୍ରଚଳନ କରିବାର ପ୍ରସ୍ତାବ ଅଦ୍ୟ କମେଟୀ କରିଅଛନ୍ତି । ଯାହାହେଉ ଏଥର ଯେ ଦେଶୀୟ ଲୋକଙ୍କୁ ମେମ୍ବର ନିଯୁକ୍ତ କରୁଅଛନ୍ତି । ଏଥିରେ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଭରସା ହେଉ ଅଛି ଯେ ସାହାଯ୍ୟ କର୍ମ ଉତ୍ତମ ରୂପେ ନିର୍ବାହ ହେବ ଓ ଯେଉଁ ବ୍ୟକ୍ତିମାନେ ନିଯୁକ୍ତ ହୋଇ ଅଛନ୍ତି ସେମାନେ ଯେ ଉପଯୁକ୍ତ ସେ ବିଷୟରେ ଲେଖିବାର ବାହୁଲ୍ୟ । ମାତ୍ର କମେଟୀ ଆଉରି ଦୁଇ ତିନି ଉପଯୁକ୍ତ ବ୍ୟକ୍ତିଙ୍କୁ ମେମ୍ବର କରିଥିଲେ ଅଧିକ ଭଲ ହେବାର ସମ୍ଭାବନା ଥିଲା । ଯେଉଁ ମେମ୍ବରମାନେ ନିଯୁକ୍ତ ହୋଇଅଛନ୍ତି ସେମାନେ ପ୍ରାଏ ସମସ୍ତେ ସହର ନିବାସୀ ଅଟନ୍ତି । ମଫସଲର ଅବସ୍ଥାର ସମ୍ବାଦ ଏହାଙ୍କଠାରୁ ସମ୍ୟକରୂପେ ପ୍ରାପ୍ତ ହେବାର ଆଶା କରାଯାଇ ନପାରେ ବିଶେଷରେ ଏମାନଙ୍କର ଆପଣା ଆପଣା କର୍ମ ଏପ୍ରକାର ଗୁରୁତର ଯେ ଅନ୍ୟବିଷୟରେ ଚିନ୍ତା କରିବାକୁ ସେମାନଙ୍କୁ ଅବକାଶ ପ୍ରାପ୍ତ ନଥାଏ । ଶ୍ରୀଯୁତ ଚୌଧୁରି ରଘୁନାଥ ଦାସ ଓ ଶ୍ରୀଯୁତ ବାବୁ ରାଧାଶ୍ୟାମ ନରେନ୍ଦ୍ରଙ୍କୁ କମେଟୀର ମେମ୍ବର କରିଥିଲେ ଉତ୍ତମ ହୋଇଥାନ୍ତା । ଚଉଧୁରି ରଘୁନାଥ ଦାସ ଏ ଦେଶର ଜଣେ ପ୍ରଧାନ ଜମିଦାର । ଓ ବର୍ତ୍ତମାନ କାଳରେ ଚାଉଳ ବିକି ଓ ଅନ୍ନଛତ୍ର ଇତ୍ୟାଦି ଉପାୟ ଦ୍ୱାରା ଅନେକ ପ୍ରକାରରେ ଦୁଃଖୀଙ୍କୁ ସାହାଯ୍ୟ କରୁଅଛନ୍ତି । ବାବୁ ରାଧାଶ୍ୟାମ ନରେନ୍ଦ୍ରଙ୍କର ବଦାନ୍ୟତା ଦେଶ ବିଦେଶରେ ଅନେକ କାଳରୁ ବିଖ୍ୟାତ ଅଛି ଓ ଦୁହେଁ ମଫସଲର ଅବସ୍ଥା ଓ

Digitized by srujanika@gmail.com

Split by PDF Splitter



ବର୍ତ୍ତମାନ କାଳରେ ପ୍ରଜାଙ୍କ କଷ୍ଟରୁ ଅବଗତ ଅଛନ୍ତି ଓ ମଫସଲରେ ଅଧିକାଂଶ ସମୟ ରହୁଥିବାରୁ ଏମାନେ ନିକଟସ୍ଥ ସରକାରୀ ସାହାଯ୍ୟ ସ୍ଥାନମାନଙ୍କର ତତ୍ତ୍ୱାବଧାରଣ କରିପାରନ୍ତେ ଓ ଏ ସମୟରେ ଏମାନେ ଯେ ପ୍ରକାର ସତ୍ କାର୍ଯ୍ୟମାନ କରୁଅଛନ୍ତି ତଦପେକ୍ଷା ଅଧିକ ସେ ବିଷୟରେ ଉତ୍ସାହୀ ହୁଅନ୍ତେ । ଏ ଦେଶର ଅନେକ ଲୋକ ଅବଧି ଆପଣା ଆପଣା କର୍ତ୍ତବ୍ୟ କର୍ମ ଜାଣି ନାହାନ୍ତି । ହାକିମମାନଙ୍କର ଉଚିତ ଯେ ଏବେ ସଂସ୍ଥା ଧନାଢ୍ୟ ଲୋକମାନଙ୍କୁ ଏହି ପ୍ରକାର ମର୍ଯ୍ୟାଦା ଦ୍ୱାରା ସତ୍ କର୍ମରେ ପ୍ରବୃତ୍ତ କରାଇବେ । ଆମ୍ଭମାନଙ୍କର ହାର୍ଦ୍ଦିକ ବାଞ୍ଛା ଏହି ଯେ ଦେଶୀୟ ମେମ୍ବରମାନେ ସାହାଯ୍ୟ ଚର୍ଚ୍ଚା ଉତ୍ତମରୂପେ ନିର୍ବାହ କରି ଦେଶର ଗୌରବ ବର୍ଦ୍ଧନ ଓ ଦୁଃଖୀଙ୍କ ପ୍ରାଣ ରକ୍ଷା କରିବେ ।

---

## କଟକସ୍ଥ ଇଂରାଜି ସ୍କୁଲର ଶିକ୍ଷାର ନିୟମ

ଏଥିପୂର୍ବ ସରକାରୀ ଇଂରାଜୀ ସ୍କୁଲରେ ଅତି ପ୍ରଶଂସନୀୟ ହେଡ୍‌ମାଷ୍ଟର ଶ୍ରୀ ବାବୁ ଯଦୁନାଥ ମୁଖୋପାଧ୍ୟାୟ ଏହି ଉତ୍ତମ ପ୍ରଥା ପ୍ରଚଳିତ କରାଇଥିଲେ ଯେ ପ୍ରଥମ ତିନି ଶ୍ରେଣୀର ଛାତ୍ରମାନେ ହେଡ୍‌ମାଷ୍ଟରଙ୍କଠାରୁ ଇଂରାଜି ସାହିତ୍ୟ ଅଧ୍ୟୟନ କରିବେ ମାତ୍ର ସେଥି ପରବର୍ତ୍ତିରେ ବର୍ତ୍ତମାନ ଏକ ଅତି ହାନିଜନକ ନିୟମ ପ୍ରଚଳିତ ହୋଇଅଛି ।

ହେଡ୍‌ମାଷ୍ଟର କେବଳ ପ୍ରଥମ ଶ୍ରେଣୀ ଛାତ୍ରମାନଙ୍କୁ ସାହିତ୍ୟ ପଢ଼ାନ୍ତି । ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ଉକ୍ତ ବିଷୟ ପଢ଼ାଇବାର ଭାର ଆପେ ନନେଇ ତୃତୀୟ ଶିକ୍ଷକ ଉପରେ ଦେଇ ଅଛନ୍ତି । ସ୍କୁଲରେ ଯେଉଁ ସବୁ ବିଷୟ ଶିକ୍ଷା ଦିଆ ଯାଏ ସେଥି ମଧ୍ୟରେ ଇଂରାଜି ସାହିତ୍ୟ ଅଧିକ କଠିଣ ଓ ବାହାରିକ ପ୍ରବେଶିକା ପରୀକ୍ଷାରେ ଏ ବିଷୟରେ ଅପାରଗତା ହେତୁରୁ ଅନେକ ଛାତ୍ରମାନେ ପରୀକ୍ଷୋତ୍ତୀର୍ଣ୍ଣ ହେବାକୁ ଅସମର୍ଥ ହୁଅନ୍ତି ସର୍ବଦ ଏବେ ଏହି ଶୁଣାଯାଏ ଯେ ଇଦାନୀ ଯେଉଁମାନେ ସ୍କୁଲ ଓ କଲେଜରୁ ବାହାରୁ ଅଛନ୍ତି ସେମାନେ ଦୁଇ ପଂକ୍ତି ଇଂରାଜି ଲେଖିଲେ କୋଡ଼ିଏ ସ୍ଥଳରେ ଅଶୁଦ୍ଧ ଲେଖନ୍ତି । ସାହିତ୍ୟ ବିଦ୍ୟାରେ ସୁଶିକ୍ଷା ପାଇ ନଥିବାର ଏଥିର ମୂଳ କାରଣ ଅଟେ । ଇଂରାଜି ଭାଷା ଶିକ୍ଷା ଦେବା କି ପ୍ରକାର ଗୁରୁତର ବିଷୟ ଏହା ଜାଣି ଯେ ତୃତୀୟ ଶିକ୍ଷକଙ୍କୁ ସେ ଭାର ଦିଆଯାଇଅଛି ଏହା ଅତି ଆଶ୍ଚର୍ଯ୍ୟର ବିଷୟ । ତୃତୀୟ ଶିକ୍ଷକ ଇଂରାଜି ଭାଷା ନଜାଣନ୍ତି ଏହା ନୁହେଁ ମାତ୍ର ସେ ଯେପ୍ରକାର ଜାଣନ୍ତି ତଦପେକ୍ଷା ହେଡ୍‌ମାଷ୍ଟର ଅଧିକ ଜାଣିବାର ଅବଶ୍ୟ ସମ୍ଭବ କରିବାକୁ ହେବ । ଅତଏବ ପ୍ରଥମ ତିନି ଶ୍ରେଣୀରେ ହେଡ୍‌ମାଷ୍ଟରଙ୍କୁ ଇଂରାଜି ଭାଷା ପଢ଼ାଇବାର ଅତି ଉଚିତ ଅନ୍ୟ ବିଷୟମାନ ଅଧସ୍ଥ ଶିକ୍ଷକମାନେ ଉତ୍ତମରୂପେ

Digitized by srujanika@gmail.com

Split by PDF Splitter



ଶିକ୍ଷା ଦେଇ ପାରିବେ । ଇଙ୍ଗରାଜ ସାହେବମାନେ ସର୍ବାପେକ୍ଷା ଉତ୍ତମ ଶିକ୍ଷା ଦେଇ ପାରେ ଏପରି ବ୍ୟକ୍ତି ଆଉ ଆଉ କି ନିମନ୍ତେ ଛାତ୍ରମାନେ ସେ ବିଷୟର ଶିକ୍ଷା ଅନ୍ୟ କାହାରି ଠାରୁ ନେବେ ? ଆମ୍ଭେମାନେ ଭରସା କରୁଁ ଯେ ଉପରୋକ୍ତ ନିୟମ ରହିତ ହୋଇ ପୂର୍ବ ହେଡ଼ମାଷ୍ଟରଙ୍କ ସମୟରେ ଥିବା ନିୟମ ଅତିଶୀଘ୍ର ପ୍ରଚଳିତ ହେବ ।

---

## ସରକାରୀ ଗୁଡ଼ଲ ବିକ୍ରି

ସରକାରୀ ଗୁଡ଼ଲର ସମାଖର୍ଚ୍ଚ ଓ ତ୍ରୁଟି ଇତ୍ୟାଦି ବୁଝିବା ନିମନ୍ତେ ଗବର୍ଣ୍ଣମେଣ୍ଟ ଶ୍ରୀଯୁକ୍ତ ମେକମିକଲ ସାହେବଙ୍କୁ ନିଯୁକ୍ତ କରି ଏ ଦେଶକୁ ପଠାଇ ଅଛନ୍ତି । ମାତ୍ର ଉକ୍ତ ହାକିମ ଗୁଡ଼ଲ ବିକ୍ରିର ଯେ ନିୟମ କରି ଅଛନ୍ତି ସେଥିରେ ସରକାରର ବହୁତ ତ୍ରୁଟି ହେବାର ସମ୍ଭାବନା । କାରଣ ଗୁଦାମଚୌକିକୁ ଗୁଡ଼ଲ ଆସିବାବେଳେ ଓଜନ ହୁଏନାହିଁ ସରକାରୀ ଏକ ହାକିମଙ୍କ ସମ୍ମୁଖରେ ବସ୍ତା ବସ୍ତା ହୋଇ ବିକ୍ରି ହୁଏ । ମୋହରରମାନେ ପ୍ରତ୍ୟେକ ଖରିଦଦାରର ନାମ ଲେଖନ୍ତି ଓ ଦଣ୍ଡିଦାର ଓଜନ କରନ୍ତି । ହାକିମ ସେଠାରେ ବସି ରେଜିଷ୍ଟର ଓଗେର କର୍ମ କରୁଥାନ୍ତି । ଅଥବା ବିକ୍ରି ଦେଖୁଥାନ୍ତି । ବିକ୍ରି ବନ୍ଦ ହେବାର..........ମାନେ ଟଙ୍କା ତୋଡ଼ା ସମସ୍ତ ହାକିମଙ୍କ ଜିମାକରି ପୁଲିସକୁ ଚଲିସି ଦେଇ ବାହାରି ଆସନ୍ତି । ପ୍ରକାଶ୍ୟରେ ବୋଧହୁଏ ଯେ ଏପରି ଅବସ୍ଥାରେ ଅସଦ୍ ବ୍ୟବହାରର କିଛି ଉପାୟ ନାହିଁ ମାତ୍ର ଦଣ୍ଡିଦାରମାନେ ଆପଣା ଚିହ୍ନାପରିଚିତ ଲୋକଙ୍କଠାରୁ ଆଠଅଣା ନେଇ ଏକଟଙ୍କା କି ଅଧିକ ମୂଲ୍ୟର ଗୁଡ଼ଲ ଦେଇ ପଶ୍ଚାତ ତାହାଙ୍କଠାରୁ କିଛି କିଛି ମୂଲ୍ୟ ନେବାରେ କି ପ୍ରତିବନ୍ଧକ ଅଛି । ଯେଉଁମାନେ ଦଣ୍ଡିଦାରଙ୍କ କଥା ଜାଣନ୍ତି ସେମାନେ ଅବଶ୍ୟ ଏକଥା ସମ୍ଭବ କରିବେ ଓ ଏହିପରି କିଛି ଅସଦ୍ ବ୍ୟବହାର ବ୍ୟତିରେକେ ଏତେ ତ୍ରୁଟିର ଆଉ କି କାରଣ ହୋଇପାରେ । ଚଳିତ ମାସ ତା ୧୧ ରିଖରେ ଶେଷ ହେବା ସପ୍ତାହ ମଧ୍ୟରେ ୭୬୯୪ ଗୁଡ଼ଲ ବିକ୍ରି ହେଲା ତହିଁର ଆନୁମାନିକ ମୂଲ୍ୟ ଟ୩୩୭୯ଙ୍କା ବିକ୍ରିରେ ଟ୨୭୮୫ଙ୍କା ଅସୁଲ ହେଲା ଅର୍ଥାତ୍ ପ୍ରତି ବସ୍ତାରେ ତ୍ରୁଟି ପ୍ରାୟ ସେ ୧୦ରକୁ ଟ୨ଙ୍କା ଲେଖାଏ ହୋଇଅଛି । ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଭରସା ଯେ ଗୁଡ଼ଲ ବିକ୍ରିରେ କୌଣସି ପ୍ରକାର ଅପବ୍ୟୟ ନହେଉ ମାତ୍ର ଅଳ୍ପ ବେତନ ଚାକରଙ୍କ ହସ୍ତରେ ଅଧିକ କ୍ଷମତା ଦେବାକୁ ଆମ୍ଭେମାନେ ସର୍ବଦା ଅସମ୍ମତ ଓ ଆମ୍ଭ ଜାଣିବାରେ ସେଥିରୁ ସର୍ବଦା ମନ୍ଦଫଳ ଘଟେ । ଏସକାଶେ ଆମ୍ଭେମାନେ ଉପଦେଶ ଦେଉଁ ଅଛୁ ଯେ ଗୋଦାମ ଗୁଡ଼ଲ ଆଣିବାବେଳେ ଅଥବା ବିକ୍ରି ସକାଶେ ଚାକରଙ୍କ ଜିମାକରିବା ପୂର୍ବରୁ ଓଜନ କରିଦେଲେ ଅପବ୍ୟୟ ନିବାରଣରେ ଯଥାସାଧ୍ୟ ଉପାୟ ହେବ ।

---

Digitized by srujanika@gmail.com

## ଏ ଦେଶର ଏକ ଜଣ ଜମିଦାର ଓ ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତିମାନେ

ସୁଙ୍ଗଡ଼ା ପରଗଣାସ୍ଥ ନାହାଙ୍ଗ ମୌଜାର ଜମିଦାର ଶ୍ରୀ ବାବୁ ଜଗୁ ସିଂହ ଏ ଦେଶରେ ଦୁର୍ଭିକ୍ଷ ହେଲାବଦନୁ ଅତ୍ୟନ୍ତ ଦାନ ଶୀଳତା ପ୍ରକାଶ କରୁ ଅଛନ୍ତି ତାହାଙ୍କ ଅବାରିତ ଦ୍ୱାରକୁ କି ଭଦ୍ର କି ଅଭଦ୍ର ସମସ୍ତ କ୍ଷୁଧା ପୀଡ଼ିତ ଲୋକ ଯାଉ-ଅଛନ୍ତି । ଆପଣାଘରେ କେହି ଅତ୍ୟନ୍ତ ପୀଡ଼ିତ ଥିଲେ କିମ୍ବା କର୍ମରେ ଅତି ବ୍ୟସ୍ତରେ ଥିଲେ ସୁଦ୍ଧା ଆଗ ଆପେ ଅପେକ୍ଷିତ ବ୍ୟକ୍ତିମାନଙ୍କୁ ବୋଧ କରନ୍ତି ଓ ଭଦ୍ରଲୋକ କେହି ଥିଲେ ତାହାଙ୍କର ଯେପରି ଅପମାନ ବୋଧ ନ ହୁଏ ତାହାଙ୍କ ସହିତ ସେହିପରି ବ୍ୟବହାର କରନ୍ତି ସେ କହନ୍ତି ସେ ଲୋକମାନଙ୍କ ଉପରେ ବିପତ୍ତି ପଡ଼ି ଅଛି ଏ ସମୟରେ ଆମ୍ଭେ ଧାନ ସଞ୍ଚୟ କି କରିବା ତାହାଙ୍କ ସହଧର୍ମିଣୀ ମଧ୍ୟ ତାହାଙ୍କ ଦୃଷ୍ଟାନ୍ତାନୁଗାମୀ ହୋଇ ଦୁଃଖୀ ସ୍ତ୍ରୀମାନଙ୍କୁ ଅତି ଯତ୍ନରେ ଖୁଆଉ ଅଛନ୍ତି । ଏହି ଦମ୍ପତିଙ୍କର ଆମ୍ଭେ ଯେତେ ସତ୍କାର୍ଯ୍ୟମାନ ଶୁଣୁ ଅଛୁଁ ତାହା ଲେଖନାତୀତ ଏହାଙ୍କଠାରେ ଏକ ସାହାଯ୍ୟ ସ୍ଥାନର ଭାର ଦେଲେ ଅନେକ ଉପକାର ହୁଅନ୍ତା ଯେଉଁମାନେ ଏ କାଳକୁ ସୁଯୋଗ ଜ୍ଞାନ କରି ଧାନ ବିକି ଦ୍ୱାରା ଅନେକ ଟଙ୍କା ଓ ବହୁ ମୂଲ୍ୟ ପଦାର୍ଥମାନ ଅଳ୍ପ ମୂଲ୍ୟରେ ପ୍ରାପ୍ତ ହୋଇ ସଂଗ୍ରହ କରିଅଛନ୍ତି ! ସେମାନେ ଏହା ଶୁଣି ଆପଣାକୁ ଲଜ୍ଜିତ ଜ୍ଞାନ କରିପାରନ୍ତି । ଏ ଦେଶର ସମସ୍ତ ଧନାଢ୍ୟ ଲୋକମାନେ ବାବୁ ଜଗୁସିଂହଙ୍କର ପ୍ରଶଂସନୀୟ ପଥାନୁବର୍ତ୍ତୀ ହେଲେ ଏପରି ଦୁର୍ଦ୍ଦଶା ରହନ୍ତା ନାହିଁ ।

---

## ଦେଓ୍ୟାନୀ ଅଦାଲତରେ ସମ୍ପତ୍ତି ନିଲାମ

କଟକର ପ୍ରଧାନ ସଦର ଅମିନ ଶ୍ରୀଯୁକ୍ତ ରାଇଟ ସାହେବ ସମ୍ପତ୍ତି ନିଲାମର ଯେ ନୂତନ ନିୟମ ପ୍ରଚଳ କରିଅଛନ୍ତି ତାହା ଅତ୍ୟନ୍ତ ହାନିଜନକ ହୋଇଅଛି । ପୂର୍ବରୁ ବିଧି ଥିଲା ଯେ ସମ୍ପତ୍ତିର ନିଲାମ ହାକିମଙ୍କ ସମ୍ମୁଖରେ ହେଉଥିଲା । ବର୍ତ୍ତମାନ ତାହା କଚେରୀ ବାରନ୍ଦାରେ ଜଣେ ମୋହରରର ଦ୍ୱାରା ହେଉଅଛି । ଏଠାରେ ସମ୍ପତ୍ତିର ମୂଲ୍ୟ ଯେ ପ୍ରକାରବଢ଼ି ଅଛି ତହିଁରେ ଦେଖାଯାଏ ଯେ ସଦର ଜମାର ୧୦।୧୫ ଗୁଣ ଏକ ଏକ ଜମିଦାରୀର ମୂଲ୍ୟ ହୁଏ ମାତ୍ର ଅଦାଲତରେ ଗୁଣକ ହେବ ହାର ହେଉ ଅଛି ଯଥା—

Digitized by srujanika@gmail.com

Split by PDF Splitter



| | | ସଦର ଜମା | | ନିଲାମରେ ମୂଲ୍ୟ |
|---|---|---|---|---|
| ।ଛା। | ପଟାମୁଣ୍ଡାଇ... | ଟ ୨୬୦୦୦ | ... | ଟ ୧୩୦୦ ଙ୍କା |
| ,, | ଭଗିପୁର ... | ଟ ୮୦ | ... | ଟ ୨୬ ଙ୍କା |
| ,, | ପୂର୍ବଖଣ୍ଡ ... | ଟ ୨୦୦ | ... | ଟ ୩୪୦୦ ଙ୍କା |

ଏଣୁ ଅବସ୍ଥାରେ ଯେ ନିଲାମ ଉଚିତ ମତେ ହେଉଅଛି ଏହା ସମ୍ଭାବନାର ବହିର୍ଭୂତ ଅଟେ । ଆମ୍ଭେମାନେ ଆଶା କରୁ ଯେ ପ୍ରଧାନ ପ୍ରଦେଶର ଅମିନ ଆଲି ଏଥିର ବିବେଚନା କରି ନିଲାମ କର୍ମ ଆପଣା ସମ୍ମୁଖରେ ନିଷ୍ପନ୍ନ କରିବେ ଏବଂ କୌଣସି ପ୍ରତାରଣା ପୂର୍ବକ ଯେରୂପ ଅଳ୍ପ ମୂଲ୍ୟରେ ଭାଗି ସମ୍ପତ୍ତି ନିଲାମ ନ ହୁଏ ତହିଁର ପ୍ରତି ଦୃଷ୍ଟି ରଖିବେ ।

---

## ସାପ୍ତାହିକ ସଂବାଦ

ବଙ୍ଗଳା ହତା ମଧ୍ୟରେ ପ୍ରତିଦିନ ୪୮୮୪ ଲୋକ ସାହାଯ୍ୟ ପାଉଅଛନ୍ତି ଦେଖାଯାଏ ଯଥା ପୁରୀ ୧୫୪୩, କଟକ ୧୯୬୦, ବାଲେଶ୍ୱର ୨୬୧୧୪, ମେଦନୀପୁର ୯୬୬୭, ମାନଭୂମ ୧୯୦୦, ନଦୀୟା ୩୧୧୧, ଗୟା ୨୬୧୯, ସ ରନ ୫୬୦୯ ।

ଦୁର୍ଭିକ୍ଷ ବିଷୟରେ ବୋର୍ଡ ଯେ ବୃତ୍ତାନ୍ତ ପ୍ରକାଶ କରିଅଛନ୍ତି ସେଥିରେ ଦେଖିଲୁଁ ଯେ ଖାସମହାଲ କିଲା ଖୋର୍ଦ୍ଧା ଇଲାକା ସାତପଡ଼ାର ସରବରାକାରମାନଙ୍କୁ ଗବର୍ଣ୍ଣମେଣ୍ଟର ଏକ ସହସ୍ର ଟଙ୍କାର ବିହନ ଧାନ ଏହି ସର୍ତ୍ତରେ ଦିଆଯାଇଅଛି ଯେ ଆଗତ ଫସଲ କଟା ହେଲେ ଉକ୍ତ ବିହନର ଖରିଦ ମୂଲ୍ୟ ସେମାନେ ସରକାରଙ୍କୁ ଆଦାୟ କରିବେ କି ଆଶ୍ଚର୍ଯ୍ୟ ସରକାର ବାହାଦୁର ଏତେ ଆଡ଼ମ୍ବରରେ ଆପଣା ଦାନଶୀଳତା ଦେଖାଇବାର ଚେଷ୍ଟା କରି ଯେ ସରବରାକାରଙ୍କଠାରୁ ଦେଢ଼ି ସ୍ୱରୂପ ଧାନ ନ ନେଇ ଦୁର୍ଭିକ୍ଷ ମୂଲ୍ୟରେ ଟଙ୍କା ନେବାକୁ ଇଚ୍ଛା କରନ୍ତି ଏଥିରେ ସେ ସାମାନ୍ୟ ଜମିଦାରଙ୍କଅପେକ୍ଷା ନିକୃଷ୍ଟ କର୍ମ କରୁଅଛନ୍ତି । ବର୍ତ୍ତମାନ ଟଙ୍କାକୁ ଧାନ ସେର୍ ୧୦ର ସୁଦ୍ଧା ପ୍ରାପ୍ତ ହେଉ ନାହିଁ । କିନ୍ତୁ ଫସଲ କାଟିବା ସମୟରେ ଯେବେ ସେ୍ ୨୦ର ହେବ ତେବେ ଦେଢ଼ି ଦେଇଥିବା ଜମିଦାର ଟଙ୍କା ଉଧାର ଦେଇ ବୃଦ୍ଧି ଛମାସ ଉତ୍ତାରୁ କେବଳ ଦଶ ଅଣାର ଧାନ ପାଇବ ମାତ୍ର ସରକାର ଏକ ପଇସା ଛାଡ଼ିବେ ନାହିଁ ।

ଯୋବରାଠାରେ ଇରିଗେସନ କମ୍ପାନି ଯେ ବନ୍ଧ ପକାଇ ଅଛନ୍ତି ତଦ୍ୱାରା ଅନେକ କ୍ଷତି ହେଉଅଛି । ଅଳ୍ପକାଳ ହେଲା ଏକା ଦିନକରେ ଖଣ୍ଡେ ନୌକା

Digitized by srujanika@gmail.com

Split by PDF Splitter



ସେଠାରେ ବୃକ୍ଷ ନଷ୍ଟ ହେଲ ଓ କେତେ ମନୁଷ୍ୟଙ୍କର ମଧ୍ୟ ପ୍ରାଣ ନଷ୍ଟ ହେଲା । ଆମ୍ଭେମାନେ ଜାଣୁ ଯେ କୁମ୍ଭାଗାର ଗୃହଜାତରେ ଭଲ ଭଲ ବାଗର ମାସ୍ତରମାନେ ଅଛନ୍ତି ଓ ସେମାନେ ଅବଶ୍ୟ ଏ ପ୍ରକାର ଫଳ ଘଟିବାର ପୂର୍ବରୁ ନିଶ୍ଚୟ କରଥିବେ । ଏ ଅବସ୍ଥାରେ ଯେ କୁମ୍ଭାଗା ସେଥିର ନିବାରଣର ଉପାୟ କିଛି କରୁ ନାହାନ୍ତି, ଏ ପ୍ରକାର କି ସେମାନେ ସରକାରରେ ଦାୟୀ ହୋଇ ପାରିବେ ନାହିଁ ? ଆମ୍ଭର ଖୋର୍ଦ୍ଧାର ସମ୍ବାଦଦାତା ଲେଖିଛନ୍ତି ଯେ ସେଠାର ଅସିଷ୍ଟାଣ୍ଟ ମେଜିଷ୍ଟର ଶ୍ରୀଯୁତ ବାର୍ଟନ ସାହେବ ପଟିଆର ରାଜା ଇଦ୍ୟସିଂହଦେବଙ୍କୁ ଚଳିତ ମାସ ତା୧୨ରିଖ ଶୁକ୍ରବାର ଦିନ ହାଜତ ଦେଇ ଅଛନ୍ତି । ପ୍ରକାଶ ହୁଏ ଯେ ଉକ୍ତ ରାଜା ଏକ ଯମିନ୍ଦ୍ରତ ବସ୍ତ୍ର ମକଦ୍ଦମାରେ ଲିପ୍ତ ଥିବା ବିବେଚନାରେ ତାହାଙ୍କୁ ତଲବ ହୋଇଥିଲା କିନ୍ତୁ ସେ ହାଜର ନ ହେବାରୁ ଓ୍ୱାରଣ୍ଟରେ ଗିରଫ୍ତାର ହୋଇ କଚେରିକୁ ଆସିବାରେ ତାହାଙ୍କୁ ଯାମିନ ତଲବ ହେଲା । ରାଜା ତଦନୁସାର ଯାମିନ ଦାଖଲ କଲେ କିନ୍ତୁ ଆସିଷ୍ଟାଣ୍ଟ ସାହେବ ସେଥିରେ ସନ୍ତୁଷ୍ଟ ନହୋଇ ଯାମିନ ତଦାରଖ ଅପେକ୍ଷାରେ ତାହାଙ୍କୁ ହାଜତ ଦେଲେ । ଏ ମକଦ୍ଦମାର ବିସ୍ତାରିତ ଅବସ୍ଥା ଜ୍ଞାତ ହେଲେ ପ୍ରକାଶ କରିବୁଁ ।

ମାହାଙ୍ଗା ଗ୍ରାମରେ ଯେଉଁ ରାକ୍ଷସୀ ଗୁଣ୍ଡିଆଣୀର ବିଷୟ ଏଥି ପୂର୍ବ ଏ ପତ୍ରିକାରେ ଲେଖା ଯାଇଥିଲା । ଶୁଣାଯାଏ ଯେ ଗତ ପ୍ରବଳ ବର୍ଷା ସମୟରେ ସେହି ଗ୍ରାମରେ ତାହାର ମୃତ୍ୟୁ ହେଲା । ତାହାର ମୃତ୍ୟୁରେ ଗ୍ରାମବାସୀମାନେ ଅତି ସନ୍ତୁଷ୍ଟ ହୋଇଅଛନ୍ତି ।

ଗତ ରବିବାରଦିନ ଲାଲବାଗ ଅନ୍ନଛତ୍ରକୁ ଯାଇ ଆମ୍ଭେମାନେ ଦେଖିଲୁଁ ଯେ ପାଚକ ବ୍ରାହ୍ମଣ ଓ ଯମାଦାର ସେଠାରେ ମାଲିକ ହୋଇଅଛନ୍ତି । କେତେ ଟିକଟ ପାଇଥିବା ବ୍ୟକ୍ତି କିଛି ନପାଇ ଫେରିଗଲେ । ସେଠାରେ ଜଣେ ଚାକର ଆମ୍ଭଙ୍କୁ କହିଲା ଯେ ସେମାନଙ୍କୁ ତିନିଘଣ୍ଟା ସମୟରେ ଆସିବାକୁ କୁହାଯାଇଥିଲା ସେମାନେ ସମୟାନୁସାର ନଆସିଲେ ଭାତ ସରିଗଲା ତାହାଙ୍କୁ କେଉଁଠାରୁ ଦେବୁଁ । ମାତ୍ର ସେହିକ୍ଷଣି ଦୁଇଜଣ ବୈରାଗୀ ଭାତ ନେଇ ଯିବାର ଆମ୍ଭେ ଦେଖିଲୁ । ସେହିଠାରେ ଏକ ବୃଦ୍ଧା ସ୍ତ୍ରୀ ଠାରୁ ଶୁଣିଲୁ ଯେ ସେଠାର ଚାକରମାନେ ଯେପ୍ରକାର ପ୍ରହାର ଦେଉ ଅଛନ୍ତି ସେଥିରେ ଅସ୍ଥି ଚର୍ମାବଶିଷ୍ଟ ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କର ଅନ୍ନ କଷ୍ଟରୁ ଯଦବା ପ୍ରାଣ ବଞ୍ଚେ ଏ ପ୍ରକାରରେ ମରିଯିବେ । ଜଣେ ଉତ୍ତମ ତତ୍ତ୍ୱାବଧାରକ ରଖିବାର ଉଚିତ । ଶ୍ରେଷ୍ଠ ଲୋକଙ୍କ ଉପରେ ଭାର ଦେଇ ନିଶ୍ଚିନ୍ତ ରହିଲେ କେବେ କାର୍ଯ୍ୟ ସୁଚାରୁରୂପେ ଚଳିବ ନାହିଁ ।

କି ଆଶ୍ଚର୍ଯ୍ୟ ! ବିନା ପ୍ରହାରରେ କି ସରକାରର ଗୃହଳ ବ୍ୟବସାୟ ଚଳି ପାରେ ନାହିଁ ? ବୁଦ୍ଧମୀଟୌକିର ବନ୍ଦି ଗୋଦାମ ଦେଖିବାକୁ ଯାଇ ଆମ୍ଭମାନଙ୍କର

Digitized by srujanika@gmail.com

Split by PDF Splitter



ଏହି ସ୍ଥାନ ହେଲା ଯେ ସେଠାରେ କେବଳ ପ୍ରହାରର ବଜାର ବସିଅଛି । ତା ୨୯ଶେ ବୃନ୍ଦାବନ ସାହେବ ଆସିନଥିଲେ । ପ୍ରହରୀମାନେ ଅତି ଯତ୍ନରେ ସୁଦ୍ଧା ଲୋକଙ୍କୁ ନିବାରଣ କରିପାରୁନଥିଲେ । ଯାହାର ଶରୀରରେ ବଳ ଥିଲା ଅଥବା ଖଣ୍ଡେ କଳା କୁଡ଼ିରେ ଆବୃତ ଥିଲା ସେହି ମନୁଷ୍ୟମାନେ କୌଣସି ପ୍ରକାରରେ ଗୁଡ଼ଳ ଠେଲି ଆସୁଥିଲେ । ଦୁଃଖୀମାନେ ସ୍ୱଭାବତଃ ଦୁର୍ବଳ ଥିବାରୁ ପେଟର ବେଦନା ନିବାରଣ ଆଶାରେ ଦ୍ୱାର ପର୍ଯ୍ୟନ୍ତ ଯିବା ମାତ୍ରକେ ପିଠିର ବ୍ୟଥା ନିବାରଣ ପୂର୍ବକ ତୃପ୍ତିଲାଭ କରି ଫେରି ଆସୁଥିଲେ । ଲୋଭ ଯେ ସର୍ବ ଅମଙ୍ଗଳର ମୂଳ ଏଥିରେ ବିଲକ୍ଷଣ ଦୃଷ୍ଟାନ୍ତ ଏହି ସ୍ଥାନରେ ଦେଖାଗଲା ।

ଗତ ସପ୍ତାହରେ ପତ୍ରିକାରେ ନଦୀ ବୃଦ୍ଧିର ସମ୍ବାଦ ଲେଖିଥିଲୁଁ । ସେତେବେଳେ ଭରସା ଥିଲା ଯେ ଶୀଘ୍ର ନଦୀ ଗୁଡ଼ିଲେ ମଫସଲର ହାଲ ଜଣାଯିବ । ଓ ଫସଲ ମଧ୍ୟ ଅଧିକ ଲୋକସାନ ହେବ ନାହିଁ । ମାତ୍ର ନଦୀ ଅତି ଅଳ୍ପ ଗୁଡ଼ିଯାଇ ପୁନର୍ବାର ବୃଦ୍ଧି ହେବାରେ ପ୍ରାଏ ପୂର୍ବବତ ଅବସ୍ଥାକୁ ପ୍ରାପ୍ତ ହେଲା । ମହାନଦୀ ଓ କାଠଯୋଡ଼ିର ଦୁଇକୂଳ ଉଚ୍ଛୁଳିବାରୁ ଅନେକ ସ୍ଥାନରେ ବନ୍ଧମାନ ଭାଙ୍ଗି ଯିବାରୁ ପ୍ରାଏ ଦାଂଶନରୁ ଅଧିକକାଳ ଦେଶର ଅଧିକାଂଶ ଜଳରେ ବୁଡ଼ି ରହିଲା । ଏଥିରେ ଶୁଣାଯାଏ ଯେ ଅଧିକ ଫସଲ ନଷ୍ଟ ହୋଇଅଛି । ଓ ଏକ ଏକ ସ୍ଥାନରେ ଧାନଗଛ-ମାନ ସମୂଳେ ଧୋଇ ଯାଇଅଛି । ବିଆଳି ଫସଲ ହେବାରୁ କ୍ରମେ ଦେଶ ସୁସ୍ଥ ହୋଇ ଆସୁଥିଲା । ମାତ୍ର ଉପର ଲେଖିତ କାରଣରୁ ଆମ୍ଭମାନଙ୍କର ଦୁର୍ଦ୍ଦଶା ମୋଚନ ହେବାର କାଳ ବିଳମ୍ବ ଥିବାର ଜଣାଯାଏ ।

ଏଯୁକେସନ ଗେଜେଟରୁ ଜଣାଗଲା ଯେ ଡୋରମସ୍ ନାମକ ଏକ ସାହେବଙ୍କର ଖଣ୍ଡେ ରୁମାଲରେ ଯବକ୍ଷାର ଦ୍ରାବକ ଥିଲା । ସେ ରୁମାଲ ସେଥି ଉତ୍ତାରେ ବନ୍ଧୁକ ସଫା କରିବାରେ ନିଯୁକ୍ତ ହୋଇଥିଲା ଯେତେବେଳେ ସେ ରୁମାଲ ରଜକାଳୟକୁ ଧୌତ ହେବାକୁ ଗଲା ଇସ୍ତ୍ରି କରିବା ନିମନ୍ତେ ରଜକ ଉଷ୍ଣ ଲୌହ ଦ୍ୱାରା ମର୍ଦ୍ଦନ କରିବା ମାତ୍ରକେ ଉକ୍ତ ବସ୍ତ୍ର ଖଣ୍ଡ ବିଦ୍ୟୁତ ପରି ଦୀପ୍ତ ହୋଇ ଉଡ଼ିଗଲା । ତହିଁ ଉତ୍ତାରୁ ତାହାର କିଛି ମାତ୍ର ଚିହ୍ନ ଦୃଷ୍ଟି ହେଲା ନାହିଁ ।

ଇଙ୍ଗ୍ଲିଶମ୍ୟାନ ପତ୍ରରୁ ଅବଗତ ହେଲୁ ଯେ ଏ ମାସର ପ୍ରଥମ ସପ୍ତାହରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ପୁନର୍ବାର ଡାର୍ଜିଲିଙ୍ଗକୁ ଗମନ କରିଅଛନ୍ତି । ଶରୀର ଅସୁସ୍ଥତା ଏଥିର କାରଣ ଥିବାର ଶୁଣାଯାଉଅଛି ଏଠାର ଲୋକେ ଦୁର୍ଭିକ୍ଷରେ କ୍ଲେଶ ପାଇ ମରୁ ଅଛନ୍ତି ଏ ସମୟରେ ସେ ଦୁର୍ଭିକ୍ଷ ପୀଡ଼ିତ ସ୍ଥାନମାନ ଭ୍ରମଣ କରି ଲୋକମାନଙ୍କର ଦୁଃଖ ନିବାରଣର ଉପାୟ କରିବେ ନା ଆପଣା ଶରୀର ସୁସ୍ଥତା ନିମନ୍ତେ ପର୍ବତ ଶିଖରୋପର ନିର୍ଜନରେ ରହିଲେ ।

Digitized by srujanika@gmail.com

ଆସନ୍ତା ବର୍ଷ ମଇ ମାସରେ ବିଡନ୍ ସାହେବଙ୍କର ଲେଫ୍‌ଟେନେଣ୍ଟ ଗବର୍ଣ୍ଣରି କର୍ମ କରିବାର ପାଞ୍ଚବର୍ଷ ଶେଷ ହେବ ଓ ତହିଁର ପରମାସରେ ଏ ଦେଶରୁ ତାହାଙ୍କର ବହିର୍ଭୂତ ହେବ। ତାହାଙ୍କ ଉତ୍ତାରୁ ଗ୍ରେ ସାହେବ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ପଦ ପ୍ରାପ୍ତ ହେବେ। ଗ୍ରେ ସାହେବଙ୍କ ସଙ୍ଗେ କୌଣସି ବନ୍ଦୋବସ୍ତ ଦ୍ୱାରା ବିଡନ୍ ସାହେବ ଆହୁରି ପନ୍ଦର ମାସ କର୍ମରେ ରହିବାର ଶୁଣାଯାଉଥିଲା କିନ୍ତୁ ଇଂଲିଶମ୍ୟାନ ତରଫରୁ ଜଣାଯାଏ ଯେ ସେକ୍ରେଟେରୀ ଆବଷ୍ଟେଟ ଅର୍ଥାତ ବିଲାତସ୍ଥ ମହାରାଣୀଙ୍କ ସେକ୍ରେଟାରୀ ତାହା ନାମଞ୍ଜୁର କଲେ।

---

# ପ୍ରେରିତ ପତ୍ର

ମାନ୍ୟବର ଉତ୍କଳ ଦୀପିକାର ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ ମତ୍ପ୍ରେରିତ କେତେକ ସମ୍ବାଦ ଭବଦୀୟ ଉତ୍କଳ ଦୀପିକାର ପାର୍ଶ୍ୱରେ ସ୍ଥାନଦାନ ପୂର୍ବକ ଏ ନବଲେଖକର ମାନସ ସଫଳ କରିବେ। ପ୍ରଥମ। ହେ କରୁଣାମୟ ପରମେଶ୍ୱର ତୁମ୍ଭ କରୁଣା ଗୁଣେ ଏହି ଉତ୍କଳ ଦେଶୀୟ ଲୋକମାନେ ଜ୍ଞାନରୂପ ସମୁଦ୍ର ସମୀପରେ ଦଣ୍ଡାୟମାନ ହୋଇ ତରଣୀ ଅନ୍ୱେଷଣ କରୁଅଛନ୍ତି। ବୋଧ କରୁଁ ଏକ ସମୟରେ ତାହା ପ୍ରାପ୍ତ ହୋଇ ଅଗାଧ ଜଳଧୀ ସନ୍ତରଣ ପୁରଃସର ଅମୂଲ୍ୟ ରତ୍ନ ଲାଭ କରିବାକୁ ସକ୍ଷମ ହେବେ। ବର୍ତ୍ତମାନ ଆମ୍ଭମାନଙ୍କର ଏହି ପ୍ରାର୍ଥନା ଯେ ଉତ୍କଳ ଦୀପିକା କ୍ରମଶଃ ଚନ୍ଦ୍ରଢଲଭ କଲେ ତଦ୍ୱାରା ଆମ୍ଭମାନଙ୍କର ଆହୁରି ମଧ୍ୟ ସୌଭାଗ୍ୟ ବୃଦ୍ଧି ହୋଇ ପାରିବ।

ଦ୍ୱିତୀୟ—ସମ୍ପାଦକ ମହାଶୟ ଈଶ୍ୱର ଏତେ ଦିନରେ ଏହି ବାଲେଶ୍ୱରସ୍ଥ ଦୀନଦରିଦ୍ରଙ୍କ ପ୍ରତି ଦୀନବନ୍ଧୁ ଭାବ ଗ୍ରହଣ କରି ସହସ୍ରାକ୍ଷକୁ ପ୍ରେରଣ କରିବାରେ ସେମାନେ ଖାଦ୍ୟ ସୁଖ ଲାଭାର୍ଥେ ଅତ୍ୟନ୍ତ ଉତ୍କଣ୍ଠିତ ହେଉଅଛନ୍ତି। କିନ୍ତୁ କେତେ-କେତେଲେ ଅତି ଗୃହସ୍ଥଶୂନ୍ୟା ହାଅନ୍ନ ହାଅନ୍ନ ଏହି ଅର୍ଦ୍ଧସ୍ଫୁଟ ବାକ୍ୟ ବୋଲି ଶମନ ସଦନକୁ ପ୍ରେରିତ ହେଉଅଛନ୍ତି କାରଣ ଗବର୍ଣ୍ଣମେଣ୍ଟଙ୍କର ଚାଉଳ ସମାପ୍ତ ହେବାରେ ବର୍ତ୍ତମାନ ବଜାରରେ ସେର ଚାରିଅଣା ଏବଂ ଚାରିଅଣା ଦୁଇପାହି ହିସାବରେ ବିକ୍ରୟ ହେଉଅଛି। ଶୁଣାଯାଉଅଛି ଅଚିରାତ୍ ଗବର୍ଣ୍ଣମେଣ୍ଟଙ୍କର ଚାଉଳ ପ୍ରଚୁର ପରିମାଣେ ସମୁଦ୍ରପଥ ଦେଇ ଏଠାରେ ପ୍ରବେଶ ହେବ। ଧନ୍ୟ ଗବର୍ଣ୍ଣମେଣ୍ଟ।

ତୃତୀୟ—ଅତ୍ରସ୍ଥ ବଙ୍ଗୋତ୍କଳ ବିଦ୍ୟାଳୟର ସମ୍ପାଦକ ସୁଜ୍ଞବର ଶ୍ରୀଯୁକ୍ତ ବାବୁ ଗଙ୍ଗାଧର ଆଚାର୍ଯ୍ୟଙ୍କ ଯତ୍ନରେ ଉକ୍ତ ବିଦ୍ୟାଳୟର କାର୍ଯ୍ୟ ସୁପ୍ରଣାଳୀ ରୂପେ ନିର୍ବାହ ହେଉଅଛି। ଏହା ଅତିଶୟ ଆନନ୍ଦଦାୟକ।

Digitized by srujanika@gmail.com

Split by PDF Splitter



ଚତୁର୍ଥ—ବାଲେଶ୍ୱରର ଦକ୍ଷିଣ ପଶ୍ଚିମ ଭାଗରେ ମଲ୍ଲିକାଶପୁର ନାମକ ଏକ ଗ୍ରାମ ଅଛି । ସେଠାରେ ପ୍ରାଏ ଏକଶତ ଲୋକଙ୍କର ନିବାସସ୍ଥାନ, କିନ୍ତୁ ବର୍ତ୍ତମାନ ଉକ୍ତ ସ୍ଥାନ କେବଳ ଜନଶୂନ୍ୟ ହୋଇଥାନ୍ତା ! ମାତ୍ର ତନ୍ନଗର ନିବାସୀ ବଦାନ୍ୟବର ଶ୍ରୀଯୁକ୍ତ ବାବୁ ପୁରୁଷୋତ୍ତମ ସେନାପତିଙ୍କ ଦ୍ୱାରା ଅନେକ ଲୋକ ଜୀବନ ଧାରଣ କରିଅଛନ୍ତି । ବିଶେଷତଃ ତାହାଙ୍କଠାରୁ ଆମ୍ଭେ ଅତ୍ୟନ୍ତ ଉପକାରପ୍ରାପ୍ତ ହେଉଅଛୁଁ ।

କିମଧିକ ନିବେଦନମିତି
୧ଲା ଭାଦ୍ରବ ସନ ୧୨୭୪ ସାଲ

ଭବଦୀୟ ବଶମ୍ବଦ
ଶ୍ରୀ ସ——
ବାଲେଶ୍ୱର

---

## ବିଜ୍ଞାପନ

---

## ପୁସ୍ତକ ବିକ୍ରୟ ।

### ଉତ୍କଳ ଭାଷା

| | |
|---|---|
| ଉତ୍କଳ ଓ ମୁକ୍ତାର ଖାସମ୍ବରେ ନୂତନ ଦସ୍ତୁର ଅମଲ ସନ ୧୮୭୫ ମସିହା ୨° ଆଇନର ଖୋଲସା ସହିତ | ମୂଲ୍ୟ ଟ°। |
| ସନ ୧୮୬୧ ମସିହାର ୧୪ ଆଇନ ... ... | ମୂଲ୍ୟ ଟ°। |
| ରେଜେଷ୍ଟରି ଫିସ ନିର୍ଣ୍ଣୟ ... ... ... | ମୂଲ୍ୟ ଟ°୵ |

ଏ ପୁସ୍ତକମାନ ଯାହାଙ୍କର ପ୍ରୟୋଜନ ହେବ ଆଲମଚାନ୍ଦ ବଜାର ଛାପାଖାନାରେ ତତ୍ତ୍ୱକଲେ ପାଇବେ ।

---

## ଉତ୍କଳ ଦୀପିକାର ମୂଲ୍ୟ ଓ ନିୟମ

| | |
|---|---|
| ଅଗ୍ରିମ ବାର୍ଷିକ ମୂଲ୍ୟ | ଟ ୫ ଙ୍କା। |
| ଛମାସର ଅଗ୍ରିମ ମୂଲ୍ୟ | ଟ ୩ |
| ତିନମାସର ଏକତ୍ର | ଟ ୧। |
| ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ | ଟ ୬ ଙ୍କା। |
| ପ୍ରତି ଖଣ୍ଡର ମୂଲ୍ୟ | ଟ °। |

ଏ ସମ୍ବାଦ ସମ୍ପର୍କୀୟ ସମସ୍ତ ଚିଟୀପତ୍ର ଓ ଟଙ୍କା ଇତ୍ୟାଦି ଶ୍ରୀ ଗୌରୀଶଙ୍କର ରାଏ ମେନେଜରଙ୍କ ନିକଟକୁ ପଠାଇବାକୁ ହେବ ।

---

ସହର କଟକ ଆଲମଚାନ୍ଦ ବଜାର କଟକ ପ୍ରିଣ୍ଟିଂ କୋମ୍ପାନିର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସଂବାଦ ପତ୍ରିକା

୧ଭାଗ ଶନିବାର ତା ୧ ରିଖ ମାହେ ସେପ୍ଟମ୍ବର ସନ ୧୮୬୬ ମସିହା ମୁତାବକ ୧୮ ଦିନ ଭାଦ୍ରବ ସନ ୧୨୭୩ ସାଲ ·୩୪ଶ ସଂଖ୍ୟା।

## କଟକସ୍ଥ ସାହାଯ୍ୟ କମେଟୀ

ଗଳିତ ମାଂସ ଭାଣ୍ଡଶଳରେ ଯେଉଁ ସବୁ ହୋଇଥିଲା ସେଥିର କାର୍ଯ୍ୟ ସାଧାରଣ ରୂପେ ନିର୍ବାହ ହୋଇଅଛି । ମଫସଲରେ ଯେ ସ୍ଥାନମାନଙ୍କରେ ଅତ୍ୟନ୍ତ ବଢି ହୋଇଥିବାରୁ ଛତ୍ରକୁ ଆସିବାର କଷ୍ଟ ସେ ସ୍ଥାନରେ ନୌକା ବନ୍ଦୋବସ୍ତ କରିବାର ପ୍ରସ୍ତାବ ହୋଇଅଛି । ଏବଂ ସହରର କଙ୍ଗାଳଙ୍କ ରହିବା ସକାଶେ ଅଦାଲତ ପୋଖରୀ ଓ ଇଦଗାହ ଓ ଦିଙ୍କ କୁଣିଆ ବଗିଚ ଇତ୍ୟାଦି ସ୍ଥାନମାନଙ୍କରେ ଘର ତୟାର କରିବାର କମେଟୀ ଧାର୍ଯ୍ୟ କରିଅଛନ୍ତି । କଙ୍ଗାଳଙ୍କୁ ଭିନ୍ନ ଭିନ୍ନ କରି ଏତେ ସ୍ଥାନରେ ରଖିବାର କି ତାତ୍ପର୍ଯ୍ୟ ଆମ୍ଭେମାନେ ବୁଝି ପାରୁନାହୁଁ ବରଂ ଆମ୍ଭମାନଙ୍କ ବିବେଚନାରେ ଏଥିରେ ଅନିଷ୍ଟ ହୋଇପାରେ କାଙ୍ଗାଳିମାନେ ବର୍ତ୍ତମାନ ଯେ ରୂପ ମ୍ଳେଚ୍ଛ ଅବସ୍ଥାରେ ଅଛନ୍ତି ତାହାଙ୍କ ନିକଟରେ ଛିଡ଼ା ହେବାର କଷ୍ଟ । ଯଦ୍ୟପି ଏପରି ୧୦୦ କି ୨୦୦ ଲୋକ ଏକତ୍ରରେ ନଗରର ଜନପୂର୍ଣ୍ଣ ସ୍ଥାନରେ ବାସ କରନ୍ତି ତାହାହେଲେ ତତ୍ସ୍ଥ ବାୟୁ ଅବଶ୍ୟ ମନ୍ଦ ହେବ । ଓ ଓଲାଉଠା ଇତ୍ୟାଦି ରୋଗର ଯେ ରୂପ ପ୍ରାଦୁର୍ଭାବ ଏ ବର୍ଷ ହୋଇଅଛି ସେଥିରୁ ପ୍ରତିବାସୀଙ୍କ ଶାରୀରିକ କୁଶଳତା ରକ୍ଷା ହେବ ନାହିଁ । କଙ୍ଗାଳଙ୍କର ମଧ୍ୟ ଏଥିରେ କି ଲାଭ ହେଲା ? ନାନା ସ୍ଥାନରେ ପଡ଼ିରହିବା ହେତୁ ଯଥା ସମୟରେ ଅନ୍ନଛତ୍ରରେ ନ ପହୁଞ୍ଚିବାରୁ ଅନେକ ଲୋକ ଉପବାସରେ ରହିବେ । କଙ୍ଗାଳଙ୍କୁ ଅନ୍ନଛତ୍ର ନିକଟ ସ୍ଥାନରେ ଘର ଦେବାର ଉଚିତ । କେବଳ ଲାଲବାଗ ଓ କମିସ୍ନର କଚେରୀ ହତା ଏ ଦୁଇ ସ୍ଥାନରେ ସହରର ସମସ୍ତ କଙ୍ଗାଳ ରହି ପାରନ୍ତି । ଓ ଏକତ୍ରରେ ସେମାନଙ୍କୁ ରଖିଲେ ତାହାଙ୍କର ତତ୍ତ୍ୱାବଧାରଣ ସହଜରେ ହେବ ଓ ସେ ସ୍ଥାନମାନ ପରିଷ୍କାର ରଖିବା ପାଇଁ ଅଳ୍ପ ଖରଚ ଆବଶ୍ୟକ ହେବ । ଯଦ୍ୟପି କମେଟୀ ବିବେଚନାରେ କଙ୍ଗାଳମାନଙ୍କୁ ଭିନ୍ନ ଭିନ୍ନ ସ୍ଥାନରେ ରଖିବାର ନିତାନ୍ତ ଆବଶ୍ୟକ (ଫଳତ ପ୍ରକୃତରେ ଏଥିର କିଛି

Digitized by srujanika@gmail.com

Split by PDF Splitter



କାରଣ ନାହିଁ । ତେବେ ଆମ୍ଭେମାନେ ପ୍ରସ୍ତାବ କରୁଁ ଯେ ପ୍ରତି ମେମ୍ବରଙ୍କ ବାସସ୍ଥାନ ନିକଟରେ କିଛି କିଛି କଙ୍ଗାଳିଙ୍କୁ ରଖାଇ ଦିଆଯାଉ । କାରଣ ତାହା ହେଲେ ମେମ୍ବରମାନେ ଆପଣା ଶାରୀରିକ ସ୍ୱାସ୍ଥ୍ୟତା ପରୀକ୍ଷା କଲେ ମଧ୍ୟ କଙ୍ଗାଳିମାନଙ୍କୁ ପରିଷ୍କାର ଓ ଉତ୍ତମ ଅବସ୍ଥାରେ ରଖିବାକୁ ଯତ୍ନ କରିବେ ।

---

## ଓଡ଼ିଶା ସ୍କୁଲମାନଙ୍କ ଡିପୋଟୀ ଇନସ୍ପେକଟରୀ କର୍ମ

ବାବୁ କୈଳାସ ଚନ୍ଦ୍ର ତର୍କାଲଙ୍କାରଙ୍କ ମୃତ୍ୟୁ ହେବାରୁ ପୁରୀ ଓ ଅନଗୁଳ ଇଲାକା ସ୍କୁଲର ଡିପୋଟୀ ଇନସ୍‌ପେକ୍‌ଟରୀ କର୍ମରେ ଅଦ୍ୟାବଧି ଅନ୍ୟ କେହି ବ୍ୟକ୍ତି ନିଯୁକ୍ତ ହୋଇ ନାହିଁ ଉକ୍ତ ପଦରେ ଲୋକ ନିଯୁକ୍ତ କରିବାର ଅଧିକାର ଡାଇରେକ୍‌ଟରଙ୍କଠାରେ ଅଛି ଓ ତାହାଙ୍କ କଚେରି କଲିକତାରେ ଥିବାରୁ ସଚରାଚର କଲିକତାର ଲୋକ ଉକ୍ତ କର୍ମରେ ନିଯୁକ୍ତ ହୋଇ ଏ ଦେଶକୁ ଆସନ୍ତି । ସ୍କୁଲ ସମ୍ପର୍କରେ ଯେ ସମସ୍ତ ପଦ ଶୂନ୍ୟ ହୁଏ ସେଥିରେ ବିଦ୍ୱାନ ମନୁଷ୍ୟ ଖୋଜି ରଖିବାର ଉଚିତ ଓ ଓଡ଼ିଶା ଅପେକ୍ଷା ଯେ ବଙ୍ଗ ଦେଶରେ ଅଧିକ ବିଦ୍ୱାନ ଲୋକ ପ୍ରାପ୍ତ ହେବେ ଏଥିରେ ସନ୍ଦେହ ନାହିଁ । ମାତ୍ର ଓଡ଼ିଶାର ଅବସ୍ଥା ହେତୁରୁ କିଛି ବିବେଚନାର ଆବଶ୍ୟକ ହୋଇଅଛି । ବଙ୍ଗଦେଶୀ ଲୋକମାନେ ସ୍ୱଭାବତଃ ଉତ୍କଳ ଦେଶ ଉପରେ ବିରକ୍ତ ଥାନ୍ତି । ଏବଂ ଅପରିଷ୍କାର ଭାଷା ଓ ସ୍ୱାସ୍ଥ୍ୟଗତ ସବୁ ପ୍ରକାରରେ ଅନଭିଜ୍ଞ ବିଶେଷତଃ ତାହାଙ୍କ ଗୃହଜୀବନ ଅବସ୍ଥାରୁ ସେମାନେ କୌଣସି ସ୍ଥାନରେ ଦୁଇ ତିନି ବର୍ଷରୁ ଅଧିକ ନ ରହିବାରୁ ଉତ୍କଳଭାଷା ଶିକ୍ଷା କରିବାକୁ ଇଚ୍ଛା କରନ୍ତି ନାହିଁ । ଓ ଯତ୍ନ କଲେ ସୁଦ୍ଧା ଅଳ୍ପକାଳରେ ହେବାର କଷ୍ଟ । ଏ ଯୋଗୁଁ ବଙ୍ଗ ଦେଶରୁ ଅଦ୍ୟାପି ଯେତେ ଡିପୋଟି ଇନ୍‌ସ୍ପେକ୍‌ଟର ଆସିଅଛନ୍ତି କେହି ଉତ୍କଳଭାଷା ଉନ୍ନତ ବିଷୟରେ କିଛି ଚେଷ୍ଟା କରି ନାହାନ୍ତି ବରଂ ଉତ୍କଳଭାଷା ପ୍ରକାରାନ୍ତରରେ ମୋଫସଲ ସ୍କୁଲମାନଙ୍କରୁ ଉଠାଇ ଦେଇ ବଙ୍ଗଭାଷା ପ୍ରଚଳିତ କରୁଅଛନ୍ତି । ଅଧିକ କି କହିବୁଁ ଏକ ଏକଜଣ ବଙ୍ଗ ଦେଶୀ ଡିପୋଟୀ ଇନସପେକ୍‌ଟର ଉତ୍କଳ ଦେଶକୁ ଏ ପ୍ରକାର ଘୃଣା କରନ୍ତି ଯେ ସରକାରୀ ରିପୋର୍ଟରେ ସୁଦ୍ଧା ତାହା ଜଣାଇବାକୁ ତ୍ରୁଟି କରି ନାହାନ୍ତି । ଯେଉଁମାନେ ଶ୍ରୀଯୁକ୍ତ ବାବୁ ଉମାଚରଣ ହାଲଦାରଙ୍କ ସାଲିନାମି ରିପୋର୍ଟ ପାଠ କରିଅଛନ୍ତି ସେମାନେ ଏକଥାର ବିଲକ୍ଷଣ ହୃଦ୍‌ବୋଧ କରିଥିବେ । ଏ ଦେଶରେ ଯେ ଅଦ୍ୟାବଧି ଅନେକ ଲୋକ ସ୍କୁଲକୁ ଆପଣା ଆପଣା ପିଲାମାନଙ୍କୁ ପଠାଉ ନାହାନ୍ତି ସେଥିର ଏହା ଏକ ପ୍ରଧାନ କାରଣ ଅଟେ । ସମସ୍ତେ କହନ୍ତି ଯେ ସ୍କୁଲରେ ଉତ୍କଳଭାଷା ଶିକ୍ଷା ଦେବାର ଉପଯୁକ୍ତ ପୁସ୍ତକ ନାହିଁ ଓ ବିଶେଷରେ

Digitized by srujanika@gmail.com

Split by PDF Splitter



ସେଇଁମାନେ ଆପଣା ଆପଣା କର୍ତ୍ତବ୍ୟ କର୍ମରେ ଭକ୍ତିକରି ତାହା ଲୁଗ୍ରଇବା ଛଳରେ ଉପରସ୍ଥ କର୍ମଗୃହୀଙ୍କୁ ଜଣାନ୍ତି ଯେ ଏ ଦେଶର ଲୋକଙ୍କ ବୁଦ୍ଧି ଅତି ମନ୍ଦ ଓ ଏମାନେ ଶିକ୍ଷା ଗ୍ରହଣ ପକ୍ଷରେ ଅତ୍ୟନ୍ତ ଅନାକୁଳ । ମାତ୍ର ସେମାନେ ଏ ଦେଶର ଭାଷା ଉନ୍ନତି ବିଷୟରେ କେ କ ଉପାୟ କରିଅଛନ୍ତି ? ସେମାନେ କି ଜାଣନ୍ତିନାହିଁ ଯେ ଶିକ୍ଷା ପ୍ରନାଳି ଉପଯୁକ୍ତ ମତେ ସ୍ଥିର କରିବାର ସକାଶେ ସେମାନେ ଏ ଦେଶକୁ ଆସିଅଛନ୍ତି ? ଅମୁକ ବିଷୟର ସୁଯୋଗ ଅଛି ଅମୁକ ବିଷୟରେ ସୁଯୋଗ ନାହିଁ ଏ କଥା କର୍ତ୍ତୃଦ୍ବେଗରେ ରହିବାର କି ଏହାଙ୍କର କର୍ମ ? ଏଥିର ସ୍ପଷ୍ଟ କାରଣ ଏହି ଯେ ଏମାନେ ଦେଶଜ ଚଳିତ ଭାଷାରେ ଅପାରଗ ଥିବାରୁ ଅଗତ୍ୟା କୌଣସି କର୍ମ କରିପାରୁ ନାହାନ୍ତି ।

ଅତଏବ ଆମ୍ଭମାନଙ୍କର ମାନସ ଏହି ଯେ ବର୍ତ୍ତମାନ ବେକେତ୍ତେକ କାଳ ପର୍ଯ୍ୟନ୍ତ ଉତ୍କଳ ଦେଶ ପାଇଁ ଡେପୋଟି ଇନ୍‌ସ୍ପେକ୍‌ଟର ନିଯୁକ୍ତ କରିବାର କ୍ଷମତା କମିସ୍ନର ସାହେବଙ୍କଠାରେ ଅର୍ପଣ ହେଉ । ଆମ୍ଭର ବର୍ତ୍ତମାନର କମିସ୍ନର ଶ୍ରୀଯୁକ୍ତ ରେବନ୍ ସାହେବ ଏ ଦେଶର ଲୋକଙ୍କୁ ଶିକ୍ଷା ଦେବାକୁ ଯେ ରୂପ ଯତ୍ନ କରୁଅଛନ୍ତି ତାହା ସର୍ବତ୍ର ବିଦିତ ଓ ସ୍କୁଲରେ ଅଲ୍ପକାଳ ହେଲା ଯେ ବକ୍ତୃତା ପ୍ରଦାନ କରିଥିଲେ ସେଥିରୁ ତହିଁର ବିଶେଷ ପ୍ରମାଣ ପ୍ରାପ୍ତ ହୋଇଅଛି । ଏହାଙ୍କ ହସ୍ତରେ ଉକ୍ତ ଭାର ଦିଆଗଲେ ଯେ ଏ ଉପଯୁକ୍ତ ଲୋକ ଦେଖି ନିଯୁକ୍ତ କରିବେ, ଏଥିରେ ଲେଶମାତ୍ର ଆମ୍ଭମାନଙ୍କର ସନ୍ଦେହ ହେଉନାହିଁ । ଆମ୍ଭର ଆଶା ଏହି ଯେ ଉକ୍ତ କର୍ମ ସକାଶେ ଉତ୍କଳ ଦେଶର ଲୋକ କି ଯେ ଇଙ୍ଗରାଜୀରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବ ଏବଂ ସଦ୍‌ବଂଶଜାତଥିବ ତାହାକୁ ଏ କର୍ମରେ ନିଯୁକ୍ତ କରାଯିବ । ମଫସଲ ସ୍ଥାନମାନଙ୍କରେ ବିଦ୍ୟାଭ୍ୟାସ ସକାଶେ ଲୋକଙ୍କୁ ପ୍ରବୃତ୍ତିକରିବା ସାମାନ୍ୟ କଥାନୁହେଁ । ବଙ୍ଗ ଦେଶୀ କୌଣସି ଅପରିଚିତ ଡେପୋଟୀ ଇନସ୍ପେକ୍‌ଟର କୌଣସି ଗ୍ରାମରେ ପ୍ରବେଶକଲେ ତତ୍ରସ୍ଥ ସ୍କୁଲର ଶିକ୍ଷକ ଓ ବେହେରା କି ଚପରାସି ବିନା ଅନ୍ୟ କେହି ତାହାଙ୍କ ନିକଟକୁ ସୁଦ୍ଧା ଆସନ୍ତିନାହିଁ । ଏପରି ଅବସ୍ଥାରେ ତାହାଙ୍କୁ ଏ କି ଉପଦେଶ ଦେଇପାରିବେ ? ଯଦ୍ୟପି ଏ ଦେଶସ୍ଥ କେହି ମାନ୍ୟମାନ୍ ବ୍ୟକ୍ତି କିମ୍ବା ତଦ୍‌ବଂଶଜାତ କାହାରିକୁ ଉକ୍ତ କର୍ମରେ ନିଯୁକ୍ତ କରାଯାଏ ତେବେ ଅମୁକ ଲୋକ ଆସିଛନ୍ତି କିମ୍ବା ଅମୁକଙ୍କ ପୁତ୍ର ଭ୍ରାତା ଇତ୍ୟାଦି କେହି ଆସିଅଛନ୍ତି ଏହା ଶୁଣିବା ମାତ୍ରକେ ଗ୍ରାମର ଭଦ୍ରଲୋକମାନେ ଅବଶ୍ୟ ତାହାଙ୍କ ସହିତ ସମ୍ଭାଷଣ କରିବେ ଓ ତଦ୍ଦ୍ବାରା ତାହାଙ୍କ ସହିତ କଥୋପକଥନରେ ଯେ ଉପଦେଶମାନ ପ୍ରାପ୍ତ ହେବେ ସେଥିରେ ବିରକ୍ତ ନହୋଇ ମନଯୋଗ ପୂର୍ବକ ଶ୍ରବଣ କରିବେ । ଓ କ୍ରମଶଃ ସେଥିର ଅନୁଗାମୀ ହେବାକୁମଧ୍ୟ ଚେଷ୍ଟା କରିବେ । ଏହାଭ ଆମର ମାନସ ଓ ଏହା ହେଲେ ଉତ୍କଳ ଭାଷାରେ ପୁସ୍ତକାଦି ରଚନା କରିବାକୁ ଅଥବା ସେ କର୍ମରେ

Digitized by srujanika@gmail.com

Split by PDF Splitter



ଅନ୍ୟକୁ ପ୍ରବୃତ୍ତ କରିବାକୁ ଏମାନେ ଚେଷ୍ଟା କରିବେ ଓ ଏ ଦେଶରେ ବିଦ୍ୟାଶିକ୍ଷା ପ୍ରତି ଯଥେଷ୍ଟ ଉତ୍ସାହ ଦେବାକୁ କଦାଚତ୍ରୁଟି କରିବେନାହିଁ ।

ଶ୍ରୀଯୁତ କମିସ୍ନର ସାହେବ ଆମ୍ଭମାନଙ୍କର ଅବସ୍ଥା ଉନ୍ନତ ପକ୍ଷରେ ଯେ ରୂପ ଦୃଢ଼ ସଂକଳ୍ପ କରିଅଛନ୍ତି ତାହାଙ୍କ ଉଚିତ ଯେ ଗବର୍ଣ୍ଣମେଣ୍ଟକୁ ରିପୋର୍ଟ ଓ ଅନ୍ୟାନ୍ୟ ସଦୁପାୟ ଦ୍ୱାରା ଆମ୍ଭମାନଙ୍କର ମାନସ ସଫଳ କରିବେ । ଏଥିରୁ ଯେ କି ପର୍ଯ୍ୟନ୍ତ ଦେଶର ମଙ୍ଗଳ ହେବ ତାହା ଅବଗତ ହେବାପାଇଁ ଅଧିକ ଦିନ ଆବଶ୍ୟକ ହେବନାହିଁ ।

---

## ସରକାରୀ କଚେରୀରେ ଦସ୍ତାବିଜ ଚୋରୀ

ଅଳ୍ପକାଳ ହେଲା କଟକସ୍ଥ ପ୍ରଧାନ ସଦର ଅମିନ ଆଲିଙ୍କ ମହକୁମାରେ ଏକ ଅପୂର୍ବ ଘଟଣା ହୋଇଯାଇଅଛି । ଏକ ଦେଓୟାନି ମକଦ୍ଦମାର ନଥିପତ୍ରରେ ସ୍ୱରୂପ ଖଣ୍ଡେ ଜନ୍ମ ପତ୍ରିକା ଦାଖଲ ହୋଇଥିଲା ମାତ୍ର ତଜବିଜ ସମୟରେ ଦେଖାଗଲା ଯେ ଉକ୍ତ ଦସ୍ତାବିଜ ନଥିରେ ନାହିଁ । ଶ୍ରୀଯୁତ ରଏଟ ସାହେବ ପ୍ରଧାନ ସଦର ଅମିନ ଏଥିର ଅନୁସନ୍ଧାନ କୌଣସି ବୃତ୍ତାନ୍ତ ପ୍ରାପ୍ତ ନହେଲେ କିନ୍ତୁ ଯେଉଁ ମୋହରର ଜିମା ସେ ନଥି ଥିଲା ତାହାର ଜଣେ ତାଇଦ ନବିସ ଅନ୍ୟ ତାଇଦ ନବିଶକୁ ଉକ୍ତ ଦସ୍ତାବିଜ ନଥିରୁ ବାହାର କରିନେଇ ଚିରିପକାଇବାର ଦେଖିଥିବାର କଥା ହାକିମଙ୍କ ସମ୍ମୁଖରେ ପ୍ରକାଶ କରି ସେଥିର କିଛି ପ୍ରମାଣ ଦେଇ ନପାରିବାରୁ ହାକିମ ଉକ୍ତ ତାଇଦ ନବିଶକୁ ଫଉଜଦାରୀକୁ ପ୍ରେରଣ କଲେ । ମକଦ୍ଦମା ଶ୍ରୀଯୁତ ଡେପୁଟୀ ମେଜେଷ୍ଟର ଟେଲର ସାହେବଙ୍କୁ ସମର୍ପଣ ହେଲା ଓ ସାହେବ ପ୍ରଶଂସିତ ଉକ୍ତ ବ୍ୟକ୍ତି ବିଷୟରେ ଦସ୍ତାବିଜ ଚୋରି ଅପରାଧର ପ୍ରମାଣ ନପାଇବାରୁ କେବଳ ଅନ୍ୟ ବ୍ୟକ୍ତି ନାମରେ ମିଥ୍ୟା କହିଥିବା ଅପରାଧରେ ଦଶବେତ ସଜା ଦେଲେ । ଏହିରୂପ ମକଦ୍ଦମା ନିଷ୍ପତ୍ତି ହେଲା ।

ଆମ୍ଭେମାନେ ଏ ମକଦ୍ଦମାରେ କୌଣସି ହାକିମଙ୍କ କି ଅନ୍ୟ କାହାରି ଦୋଷ ଦେଖୁନାହୁଁ । ମେଜେଷ୍ଟର ସାହେବ ଉଚିତ ବିବେଚନା କରିଅଛନ୍ତି । ଏଥିରେ ସନ୍ଦେହ ନାହିଁ । ଓ ଶ୍ରୀଯୁତ ସଦର ଅଲି ସାହେବ କାହାରି ଉପରେ ଉକ୍ତ ଦସ୍ତାବିଜ ଅପହରଣର ଦୋଷ ସାବ୍ୟସ୍ତ କରିନପାରିବାରୁ ସୁତରାଂ ନିରସ୍ତ ହୋଇ ରହିଲେ । ମାତ୍ର ଆମ୍ଭେମାନେ ପ୍ରଶ୍ନ କରୁଅଛୁଁ ଯେ ଉତ୍ତର କାଳକୁ ଏପରି ଦୁଷ୍କର୍ମ ନିବାରଣରେ କି ଉପାୟ କରାଗଲା ଅଦାଲତର ମକଦ୍ଦମାମାନ ପ୍ରାଏ ଲେଖା ପ୍ରମାଣ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭର ରଖେ ଓ ମକଦ୍ଦମା ଅନୁସାରେ ଏକ ଏକ ଦସ୍ତାବିଜର

Digitized by srujanika@gmail.com

Split by PDF Splitter



ସେ କେତେ ମୂଲ୍ୟ ହୁଏ ତାହା ସମସ୍ତଙ୍କ ଗୋଚର ଅଛି । ଓ ଏପରି ସଚରାଚର ହୋଇଥାଏ ଯେ ଏକ ଏକ ମକଦ୍ଦମାର ଫଳାନୁସାରେ ମୁହୂର୍ତ୍ତ ମଧ୍ୟରେ ଧନୀ ଦରିଦ୍ର ଓ ଦରିଦ୍ର ଧନବାନ୍ ହୁଏ । ଯଦ୍ୟପି ଏ ପ୍ରକାର ବହୁମୂଲ୍ୟ ଦସ୍ତାବିଜର ରକ୍ଷାର ବିହିତ ଉପାୟ ସ୍ଥିରନହୁଏ ଓ ତାହା ଯାହାଠାରେ ଥାଏ ସେ ବ୍ୟକ୍ତିଠାରୁ ସ୍ଥାନାନ୍ତର ହେଲେ ତାହାପ୍ରତି କିଛିମାତ୍ର ଦଣ୍ଡ ନ ହୁଏ ତେବେ ସେମାନେ ଦସ୍ତାବିଜର ରକ୍ଷା ପ୍ରତି କି ହେତୁ ଯତ୍ନବାନ ହେବେ ଓ କେଉଁ ସାହାସରେ ମନୁଷ୍ୟମାନେ ଦସ୍ତାବିଜ ରାଜଦରବାରରେ ସମର୍ପଣକରି ନିଶ୍ଚିନ୍ତ ହୋଇ ରହିବେ ?

ବର୍ତ୍ତମାନସ୍ଥଳରେ ଡାଏଦ ନବିସ ହେତୁରୁ ଅମଲା ରକ୍ଷା ପାଉଅଛି । ମାତ୍ର ଡାଏଦ ନବିସ କେବଳ ଅମଲକୁ ଲେଖାପଢ଼ାରେ ସାହାଯ୍ୟ ଦେବାକୁ ନିଯୁକ୍ତ ହୋଇଅଛନ୍ତି । ସେମାନଙ୍କୁ ସିନ୍ଦୁକ କାଗଜପତ୍ର ସମର୍ପଣ କରିଦେବାର ପ୍ରଥାକୁ ଅବଶ୍ୟ ଦୂଷଣୀୟ କହିବାକୁ ହେବ ଏବଂ ଯେଉଁ ଅମଲାଠାରେ ସେ ଡାଏଦ ନବିଶ ଥାଏ ତାହାର ଭଲମନ୍ଦର ଭାର ସେ ଅମଲା ଗ୍ରହଣ କରିଅଛି ବୋଲି ଜ୍ଞାନକରିବାକୁ ହେବ । କାରଣ ଏହି ପ୍ରକାର ଦୁର୍ଘଟଣାପ୍ରତି ସାବଧାନ ହେବା ସକାଶେ ଗବର୍ଣ୍ଣମେଣ୍ଟ ଆଜ୍ଞା କରିଅଛନ୍ତି ଯେ ପ୍ରଧାନ ଅମଲା ଓ କଲେକ୍ଟରଙ୍କ ବିନା ସମ୍ମତିରେ କେହି ଡାଏଦ ନବିସକୁ ରଖାଯିବ ନାହିଁ । ଅତଏବ ଆମ୍ଭ ଜାଣିବାରେ ଅମଲା ଏ ଦୁଷ୍କର୍ମର ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଥିଲେସୁଦ୍ଧା ସେ ନିତାନ୍ତ ଅସାବଧାନତା ଓ ସରକାରି କର୍ମରେ ଗୁରୁତର ଅବହେଳା କରିବା ଦୋଷରୁ କଦାପି ମୁକ୍ତ ହୋଇନପାରେ ଏବଂ ଉତ୍ତର କାଳକୁ ତାହାର ଚରିତ୍ର ସଂଶୋଧନାର୍ଥେ ଏବଂ ଅନ୍ୟଲୋକଙ୍କୁ ଏ ପ୍ରକାର କର୍ମରୁ ନିବାରଣାର୍ଥେ ହାକିମଙ୍କର ଉଚିତ ଯେ ତାହାପ୍ରତି ଉପଯୁକ୍ତ ଆଜ୍ଞା ପ୍ରଦାନ କରିବେ ।

---

## ପ୍ରାପ୍ତ

"ଓଡ଼ିଆମାନେ ସ୍ୱଭାବତଃ ନିର୍ବୋଧ" ଏହି ପ୍ରବାଦ ଯଥାର୍ଥ କି ନା । ବିଦେଶୀୟଲୋକେ କହନ୍ତି ଓଡ଼ିଆମାନଙ୍କର ଜ୍ଞାନ ଏପରି ସ୍ଥୂଳ ଯେ ନାନା ପ୍ରକାର ଚେଷ୍ଟା କଲେମଧ୍ୟ ସେମାନେ କୌଣସି ପ୍ରକାରରେ କୌଣସି ବିଷୟରେ ସୁଶିକ୍ଷିତ ହୋଇପାରନ୍ତି ନାହିଁ । ମାତ୍ର ଅନୁଧାବନ ପୂର୍ବକ ବିବେଚନାକରି ଦେଖିଲେ ସେମାନଙ୍କର ଏହି ସଂସ୍କାର ଏକାନ୍ତ ଅଦୂରଦର୍ଶୀତାମୂଳକ । ସକଳ ବିଦ୍ୟାରେ ଓଡ଼ିଆମାନେ ସ୍ୱଭାବରେ ପାରଦର୍ଶୀ ।

(କେବଳ କେହି ଉତ୍ସାହଦାତା ନଥିବାରୁ ଏବଂ ରାଜଦ୍ରୋହ ତଥା ଅନ୍ୟାନ୍ୟ ବାଧା ଜନ୍ମିବାରୁ ଉତ୍କଳମାନଙ୍କର ସ୍ୱକୀୟ ମହୀୟସୀ ଧୀଶକ୍ତି କ୍ରମଶଃ ହ୍ରାସ ହୋଇ-

Digitized by srujanika@gmail.com

Split by PDF Splitter



ପଡ଼ିଅଛି । ଏହି ଆମ୍ଭମାନଙ୍କର ପ୍ରତିବାସୀ ବଙ୍ଗାଳୀମାନଙ୍କର ଅବସ୍ଥା ଯେ ଏତେ ଉତ୍କୃଷ୍ଟ ହୋଇଅଛି ତାହାର କାରଣ କି ? କେବଳ ଅନ୍ୟର ଯତ୍ନ କି ଏହି ଉନ୍ନତ ଅବସ୍ଥାର ମୂଳୀଭୂତ କାରଣ ନୁହେଁ ? ଦେଖ କି ଗବର୍ଣ୍ଣମେଣ୍ଟ ଓ ଦେଶହିତୈଷୀ ସଦାଶୟ ଡେବିଡ ହେୟାର ଓ ଡ଼ିଫଂଟେନ ପ୍ରଭୃତି ବଙ୍ଗଳାର ଉନ୍ନତି କାରଣ କି ପର୍ଯ୍ୟନ୍ତ ଅର୍ଥବ୍ୟୟ ଓ ଆୟାସ ସ୍ୱୀକାର କରିନାହାନ୍ତି ? ଦୁର୍ଭାଗ୍ୟ ଉତ୍କଳ ଦେଶରେ ଯଦି ସେପରି ଚେଷ୍ଟା କରାଯାଇଥାଆନ୍ତା ତେବେ ଆଜି କି ଉତ୍କଳର ଏପରି ଦୁରବସ୍ଥା ଥାଆନ୍ତା । ପ୍ରତ୍ୟୁତ ଉର୍ବରା ଭୂମିରେ ନିପତିତ ବୀଜ ଯେପରି ଅଳ୍ପାୟାସରେ ଅଂଖୁ ଅଙ୍କୁରିତ ଓ ଶାଖାପ୍ରଶାଖା ରୂପେ ପରିଣତ ହୁଏ ତଦ୍ରୂପ ଅବଶ୍ୟ ଓଡ଼ିଶ୍ୟା ଏକ ସଭ୍ୟତମ ଦେଶମଧ୍ୟରେ ପରିଗଣିତ ହୁଅନ୍ତା ସନ୍ଦେହ ନାହିଁ, ଏହିଯେ ଅସାଧାରଣ ଧୀଶକ୍ତି ସମ୍ପନ୍ନ ଇଂରେଜମାନେ ସାକ୍ସନ୍‌ମାନଙ୍କର ଇଂଲଣ୍ଡ ଅଧିକାର ପୂର୍ବରେ ଏମାନଙ୍କର ଅବସ୍ଥା କିପରିଥିଲା ? କେବଳ ଅନ୍ୟର ଯତ୍ନ କି ଏମାନଙ୍କର ଉନ୍ନତାବସ୍ଥାର ହେତୁ ଭୂତ ହୋଇନାହିଁ । ଦେଶର ସଭ୍ୟତାର ମୂଳଭୂତା ଯେ ଭାଷା ପୂର୍ବରେ ଇଂରେଜୀ ଭାଷା କିପରିଥିଲା । ବର୍ତ୍ତମାନ କିପରି ହୋଇଅଛି । ସାକ୍ସନମାନଙ୍କର ଇଂଲଣ୍ଡ ଆକ୍ରମଣ ପୂର୍ବରେ ଇଂରେଜୀ ଭାଷାର ଯେପରି ଅବସ୍ଥା ଥିଲା ତାହାର ସହିତ ଅଧୁନା ସମ୍ଭୂତା ଉତ୍କଳ ଭାଷାର ତୁଳନାକରି ଦେଖିଲେ ଉଭୟଙ୍କର ପ୍ରଭେଦ ପ୍ରତୀୟମାନ ହୁଏ ।

ପୁନଶ୍ଚ ଦେଖ ଏହି ବଙ୍ଗାଳୀ ଭାଷାର ଉନ୍ନତି କାରଣ କି ପର୍ଯ୍ୟନ୍ତ ନା ଯତ୍ନ କରାଯାଉଅଛି । ତଥାପି ଉତ୍କଳୀୟ କବିମାନେ ଯେ ସକଳ କାବ୍ୟ ଗ୍ରନ୍ଥ ରଚନା କରିଯାଇଅଛନ୍ତି ତାହାର ସହିତ ତୁଳନା ଦେବାପାଇଁ ଆଜି ପର୍ଯ୍ୟନ୍ତେ ଖଣ୍ଡେ ମଧ୍ୟ କାବ୍ୟ ବଙ୍ଗଳା ଭାଷାରେ ପ୍ରକାଶ ହୋଇନାହିଁ । ଏକଥା ଯଥାର୍ଥ ଅଟେ ଯେ କି ସାହିତ୍ୟ କି କାବ୍ୟ କି ଗଣିତ କି ଭୂଗୋଳ କି ପ୍ରାକୃତିକ ବିଦ୍ୟା ସକଳ ବିଷୟରେ ବଙ୍ଗଳାରେ ଭୂରି ଭୂରି ଗ୍ରନ୍ଥ ପ୍ରକାଶ ହୋଇଅଛି ମାତ୍ର ଏହି ସକଳ ପୁସ୍ତକ ଅନୁବାଦିତ ବା ଅପହୃତ । ସ୍ୱାଧୀନ ପୁସ୍ତକ କେତେଖଣ୍ଡି ଅଛି ? ସ୍ୱାଧୀନ ଗ୍ରନ୍ଥ ମଧ୍ୟରୁ ବଙ୍ଗାଳିମାନେ ବିଦ୍ୟାସୁନ୍ଦରକୁ ସୁପ୍ରସିଦ୍ଧ ପୁସ୍ତକ ବୋଲି ମଣନ୍ତି । ଏବଂ ଏହି ଗ୍ରନ୍ଥ ରଚନା କରି ୰ ଭାରତଚନ୍ଦ୍ର ରାୟ ବଙ୍ଗଳା ଦେଶରେ ବିଖ୍ୟାତ ହୋଇଅଛନ୍ତି ।

## କ୍ରମଶଃ ପ୍ରକାଶ୍ୟ

ପୁରୀ ଦୁର୍ଭିକ୍ଷ ନିବାରଣ କମେଟୀ :—

ଏ ଦେଶ ମଧ୍ୟରେ ବର୍ତ୍ତମାନ ଗୋ ୧୯ଟି ଅନ୍ନଛତ୍ର ସ୍ଥାପନ ହୋଇଅଛି । ତନ୍ମଧ୍ୟରେ ୧୫ ଯାଗାରେ ସାହାଯ୍ୟ ବିତରଣ ହେଉଅଛି । ଅନ୍ୟ ୪ ସ୍ଥାନରେ କର୍ମ ଆରମ୍ଭ ହେଉଅଛି ।

Digitized by srujanika@gmail.com

Split by PDF Splitter



ସରକାରୀ ଚାଉଳ ମଫସଲରେ ଅନେକାନେକ ସ୍ଥାନରେ ବିକ୍ରି ହେଉଅଛି ଓ ସହରର ମଧ୍ୟରେ ସରକାରୀ ଗୋଦାମ ହୋଇଥିଲା । କିନ୍ତୁ ଏକ ଗୋଦାମରେ ସମସ୍ତ ଲୋକଙ୍କୁ ଚାଉଳ ବଣ୍ଟନ କରିବାର କଷ୍ଟ ହେବାରୁ ଅଗଷ୍ଟ ମାସ ତା ୧୩ରିଖେ ଯେଉଁ ସାହାଯ୍ୟ କମେଟୀ ହୋଇଥିଲା ତହିଁରେ ଅନ୍ୟ ଏକ ଗୋଦାମ ସ୍ଥାପନ କରିବାକୁ ସ୍ଥିର କରାଯାଇଅଛି । ସରକାରୀ ଚାଉଳରେ ଅନେକ ଧାନ୍ୟ ଥିବା ହେତୁରୁଁ ତାହା ସେ୬।ର ଦରରେ ବିକ୍ରି ହେଉଅଛି । ଓ କମେଟୀଙ୍କ ଚାଉଳ ପୂର୍ବେ ଟଙ୍କାକୁ ସେ୮ର ନିରଖରେ ଓ ବିନା ମୂଲ୍ୟରେ ବଣ୍ଟନ ହେଉଥିଲା କିନ୍ତୁ କମେଟୀର କେତେକ ମେମ୍ବରଙ୍କ ବିବେଚନାରେ କେତେକ ଲୋକ ଯଦ୍ୟ ଓ ଉପରୋକ୍ତ ଦରରେ କ୍ରୟ କରିବାକୁ ଅକ୍ଷମ ଅଟନ୍ତି ତଥାପି ସେମାନଙ୍କୁ ବିନା ମୂଲ୍ୟରେ ଦିଆ ନଯାଇ ଅଳ୍ପ ଦାମରେ ଦିଆ ଗଲେ ସେମାନେ ଖରିଦ କରିପାରିବେ । ଏଣୁ କରି ବର୍ତ୍ତମାନ ଲୋକଙ୍କ ଆବସ୍ଥାନୁସାରେ ଟଙ୍କାକୁ ସେ୮ର ଓ ସେ ୭ର ନିରଖ ଓ ବିନା ମୂଲ୍ୟରେ ଚାଉଳ ବଣ୍ଟନ ହେଉଅଛି ।

---

## ସାପ୍ତାହିକ ସମ୍ବାଦ

ଗତ ସପ୍ତାହର ପେଟ୍ରିଅଟ କାଗଜରେ ଓଡ଼ିଶ୍ୟାଦେଶର ଆଗତ କିସ୍ତିର ରାଜସ୍ୱ ଜମିଦାରଙ୍କୁ ମାଫ ହେବାପାଇଁ ଗବର୍ଣ୍ମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି । ଆମ୍ଭେମାନେ ମଧ୍ୟ ଏ ମତରେ ତାଙ୍କ ସଙ୍ଗେ ଐକ୍ୟ ଅଛୁ । ଏଥିରେ ବିସ୍ତାରିତ ବର୍ଣ୍ଣନା ଆଗତ ସପ୍ତାହରେ ବ୍ୟକ୍ତ କରିବୁଁ ।

ଉକ୍ତ ପତ୍ରରୁ ଅବଗତ ହେଲୁଁ ଯେ ଫ୍ରାନ୍ସ ଦେଶର ରାଜପୁତ୍ର ଛାପା କରିବାର କର୍ମ ଅଧ୍ୟୟନ କରୁଅଛନ୍ତି । ଛାପା କର୍ମ ଯେ କେମନ୍ତ ମାନ୍ୟମାନ ବୋଧକରୁଁ ଅଜସ୍ର ଲୋକ ମାନେ ଏଥିର ବିବେଚନା କରିପାରିବେ ।

ଉକ୍ତପତ୍ରରେ ଆହୁରି ଆନନ୍ଦ ସହିତ ପାଠକଲୁଁ ଯେ କଲିକତାସ୍ଥ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କ ସାହାଯ୍ୟ ସକାଶେ ସଭା କରିଥିଲେ ସେଥିରେ ପ୍ରାୟ ଟ ୭୦୦୦ ଙ୍କା ପର୍ଯ୍ୟନ୍ତ ଦାନ ପ୍ରାପ୍ତିର ଫର୍ଦ୍ଦରେ ଦସ୍ତଖତ ହୋଇଅଛି । ସେଠାର ଦେଶୀୟ ଲୋକମାନେ ପ୍ରାୟ କୋଡ଼ିଏ ଜଣରେ ପ୍ରତ୍ୟୋହ ୮୦୦୦ ଲୋକଙ୍କୁ ଆହାର ଦେବାକୁ ସ୍ୱୀକାର କରି ଅଛନ୍ତି । ଏହି ଲୋକମାନଙ୍କ ଅର୍ଥ ଉପାର୍ଜନ ସାର୍ଥକ ।

ଆମ୍ଭେମାନେ ସମ୍ବାଦ ପାଇଁ ଅଛୁ ଯେ ପୁରୀ ନଗରରେ ଶ୍ରୀଯୁକ୍ତ ବାବୁ ପ୍ରସନ୍ନ କୁମାର ଗାଙ୍ଗୁଲି ମୁନସଫ ଓ ଶ୍ରୀଯୁକ୍ତ ବାବୁରାମ ଅକ୍ଷୟ ଚଟୁର୍ଯ୍ୟା ଡିପୋଟି

Digitized by srujanika@gmail.com

Split by PDF Splitter



କଲେକ୍ଟରଙ୍କ ଉଦ୍ୟମରେ ଗୋଟିଏ ବ୍ରହ୍ମ ସମାଜ ଅଗଷ୍ଟ ମାସ ତା ୨୨ ଶଖରେ ସ୍ଥାପନ ହୋଇଅଛି । ଆରମ୍ଭ ସମୟରେ ଏଥିର ସଭ୍ୟ କ୭ ।୨ଣ ଥିଲେ ମାତ୍ର ଅଳ୍ପ କାଳ ମଧ୍ୟରେ ଜଂ ୭।୯୮ଣ ସଭ୍ୟ ହୋଇ ଅଛନ୍ତି । ଆମ୍ଭେମାନେ ଯେତେଥର ଅନ୍ନ ଛତ୍ରକୁ ଯାଉ ସେତେଥର କଙ୍ଗାଳଙ୍କ ଦୁରବସ୍ଥା ଦେଖି ଦୁଃଖୀତ ହେଉଁ କେତେବେଳେ ଟିକଟ ନେବାପାଇଁ ଓ କେତେବେଳେ ଅନ୍ନ ପାଇବା ପାଇଁ ଧସ୍ତାଧସ୍ତ ଓ ତନ୍ନିମିତ୍ତ ମାର ପିଟର ଚର୍ଚ୍ଚା ସର୍ବଦା ଦେଖାଯାଏ କିରୂପେ ଯେ ଏଥିର ନିବାରଣ ହେବ ତାହା କାହାରିକୁ ବିଚାର କରିବାର ଜଣାଯାଏ ନାହିଁ । ମେମ୍ବରମାନେ ପ୍ରତି ସପ୍ତାହ ଦୋତାଲା କୋଠି ଉପରେ ନିର୍ଜନରେ ବସି କେବଳ କ୍ରୁମେଟୀ ନ କରି ଯେବେ ସମସ୍ତ ସମୟରେ କଙ୍ଗାଳଙ୍କ ଅବସ୍ଥା ପ୍ରତକ୍ଷରେ ଦେଖନ୍ତେ ତାହାହେଲେ ଆମ୍ଭର ଭରସା ହୁଏ ଯେ ଅନେକ ମଙ୍ଗଳ ହୁଅନ୍ତା । କ୍ରୁମେଟୀ ଯେ ଯେ ନିୟମମାନକରି ଅଛନ୍ତି ତାହାଇ ଯଥେଷ୍ଟ ଏଥର ତାହାଙ୍କର କର୍ତ୍ତବ୍ୟ ଯେ ଉକ୍ତ ନିୟମମାନ କିରୂପ ଚଳୁଅଛି ତାହା ପ୍ରତକ୍ଷ୍ୟରେ ଦେଖି ଆପଣା ହୃଦବୋଧ କରିବେ ।

ଚିଲିକା ହ୍ରଦର ମୁହ ଖୋଲାଇ ଗଞ୍ଜାମ ଓ ପୁରୀ ସଙ୍ଗେ ଜଳପଥ ଦ୍ୱାରା ଗତାୟାତର ସୁଯୋଗ କରିଦେବା ନିମନ୍ତେ ଗବର୍ଣ୍ଣମେଣ୍ଟ ଆଦେଶ କରିଅଛନ୍ତି । ଉକ୍ତ କର୍ମ ଯେବେ ଇରିଗେସନ କମ୍ପାନି କରିପାରିବେ ତେବେ ଉତ୍ତମ ନଚେତ ଗବର୍ଣ୍ଣମେଣ୍ଟ ସ୍ୱୟଂ ତାହାସିଦ୍ଧ କରିବେ । ଏକର୍ମରେ ଆମ୍ଭମାନଙ୍କର ଅନେକ ଉପକାର ହେବ ସନ୍ଦେହ ନାହିଁ ।

ଗତ ଶନିବାର ଠାରୁ ସରକାରୀ ଗୁଡ଼ଲର ଭାଉ ଅଧିକ ହୋଇଅଛି । ବର୍ତ୍ତମାନ ସରୁ ଗୁଡ଼ଲ ଟଂଙ୍କାକୁ ନ ସେ୍ୟର ଓ ମୋଟ ସେ୭ର ମିଳୁ ଅଛି । ଲୋକେ କହୁ ଅଛନ୍ତି ଯେ ସରକାର ଆପେ ଗୁଡ଼ଲ ଦେବାର କମୋଟ କରି ବଜାର ଭାଉ ବଢ଼ାଇ ଦେଇ ଅକ୍ଲେଶରେ ସେ ଭାଉରେ ବିକି କଲେ । ଏମାନେ ବଣିକ ହୋଇଯିବାର ।

ଆମ୍ଭେମାନେ ଅତିଆନନ୍ଦ ସହିତ ଗେଜେଟରେ ପାଠ କଲୁଁ ଯେ ପୁରୀର କଲେକ୍ଟର ଶ୍ରୀଯୁକ୍ତ ବାର୍ଲୋ ସାହେବ ପ୍ରଥମ ଶ୍ରେଣୀର କଲେକ୍ଟର ଓ ମେଜେଷ୍ଟର ହୋଇ ଅଛନ୍ତି । ଏହାଙ୍କର ଦୁଃଖୀଙ୍କ ସକାଶେ ଯେରୂପ ପରିଶ୍ରମ ଓ ଯତ୍ନ କରୁଅଛନ୍ତି ତାହା ସମସ୍ତଙ୍କୁ ବିଦିତ ଅଛି ଓ ଏସକାଶେ ଯେ ତାଙ୍କର ପଦବୃଦ୍ଧି ଶୀଘ୍ର ହେବ ଏହାବିଚାର କରୁଁ ।

ଫ୍ରେଣ୍ଡ ଅବ ଇଣ୍ଡିୟା ପତ୍ରରୁ ଅବଗତ ହେଲୁଁ ଯେ ମାନ୍ଦ୍ରାଜର ଗବର୍ଣ୍ଣର ଲର୍ଡ଼ ନେପିୟର ସାହେବ ଆପଣା ଅଧିନ ଦୁର୍ଭିକ୍ଷପୀଡ଼ିତ ଦେଶମାନଙ୍କରେ ସ୍ୱୟଂ ଭ୍ରମଣ କରି ଯେଉଁ ସ୍ଥାନରେ ଯାହାଆବଶ୍ୟକ ସେଥିର ଉପାୟ କରୁଅଛନ୍ତି ।

Digitized by srujanika@gmail.com

Split by PDF Splitter



ଗଞ୍ଜାମର ଲୋକମାନଙ୍କୁ କର୍ମ ଦେବାନିମନ୍ତେ ସେ ସ୍ଥାନରୁ ଚିଲିକା ପର୍ଯ୍ୟନ୍ତ ଏକ ଖାଲଖୋଳିବାର ପ୍ରସ୍ତାବ କରିବାରେ ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ତାହାମଞ୍ଜୁର କରି- ଅଛନ୍ତି । କିନ୍ତୁ ଆମ୍ଭମାନଙ୍କ ଲେଫ୍‌ଟେନାଣ୍ଟ ଗଦର୍ଣ୍ଣର କଙ୍ଗାଳିମାନଙ୍କ ଭୟରେ ଦାର୍ଜିଲିଙ୍ଗକୁ ପଳାୟନ କରିଅଛନ୍ତି ।

ଧାମନଗରରେ ଚାଉଳର ଭାଉ ଟ ୧ କାରେ ଏକସେର ଓ ଯାଜପୁରରେ ସେ ୨୧ ହୋଇ ଅଛି । ସେ ସ୍ଥାନମାନଙ୍କୁ ଶୀଘ୍ର ଦରକାରୀ ଚାଉଳ ପଠାଇବାର ଉପାୟ କରାଯାଉ ଅଛି ।

ବମ୍ବାଇରୁ ବଙ୍ଗଦେଶର ଦୁର୍ଭିକ୍ଷ ପୀଡ଼ିତ ସ୍ଥାନ ମାନଙ୍କର ସାହାଯ୍ୟ ନିମନ୍ତେ ଟ ୭୨୦୦ ଙ୍କା ଆସି ଅଛି । ଏଥି ମଧ୍ୟରେ କେବଳ ସର ଯାମସେଟଜୀ ଯିଜିଭାୟଙ୍କ ସ୍ଥା ଟ ୧୫୦୦ ଙ୍କା ଦେଇ ଅଛନ୍ତି ।

ଫ୍ରେଣ୍ଡଅବ ଇଣ୍ଡିଆପତ୍ରରୁ ଜଣାଗଲା ଯେ ଆଗରହାଇକୋର୍ଟରେ ଏକ ବଡ଼ ହାସ୍ୟକର ଘଟଣା ହୋଇଅଛି ଜଣେ ଜଜ ଏକ ମକଦ୍ଦମା ନିଷ୍ପତ୍ତି କରି ଅନ୍ୟ କୌଣସି କାର୍ଯ୍ୟକୁ ଥିଲେ ଏହି ସମୟରେ ଯାହାର ମକଦ୍ଦମା ଡ଼ିସମିସ ହୋଇଥିଲା ସେ ଏକ ମସାଲ ଜାଳି ଉକ୍ତ ହାକିମଙ୍କ ମୁଣ୍ଡ ଉପରେ ଦେଖାଇଲା ଓ ଏ ପ୍ରକାର କରିବାର ଅଭିପ୍ରାୟ ବ୍ୟକ୍ତ କଲା ଯେ ହାକିମମାନେ ଅନ୍ଧକାରରେ ଥାଇ ନ୍ୟାୟ୍ୟ ଅନ୍ୟାୟ ଦେଖି ପାରୁ ନାହାନ୍ତି ସେମାନଙ୍କୁ ଆଲୋକ ଦେଖାଇବାର ଆବଶ୍ୟକ । ଉକ୍ତ ହାକିମ ଏ ପ୍ରକାର କରିଥିବା ବ୍ୟକ୍ତିକୁ କେବଳ ଟ ୫୦ ଙ୍କା ଜରିମାନା କଲେ ।

ଉକ୍ତ ପତ୍ର ଲେଖନ୍ତି ଯେ ଅମୃତସହର ନଗରରେ ଡାକ୍ତର ଏଚନ୍ ସନ୍ ସାହେବ ସମ୍ଭ୍ରାନ୍ତ ସ୍ତ୍ରୀଲୋକମାନଙ୍କୁ ବୈଦ୍ୟ ବିଦ୍ୟା ଅସ୍ତ୍ର ଚିକିତ୍ସା ଶିକ୍ଷା ଦେବା ନିମନ୍ତେ ଏକ ବିଦ୍ୟାଳୟ ସ୍ଥାପନ କରିବାର ପ୍ରସ୍ତାବ କରି ଅଛନ୍ତି । ଏତଦ୍ଦ୍ୱାରା ତାହାଙ୍କର ଅଭିପ୍ରାୟ ଏହି ଯେ ଏ ଦେଶସ୍ଥ ଭଦ୍ରଲୋକମାନଙ୍କ ଗୃହ ମଧ୍ୟକୁ ପୁରୁଷ ଡାକ୍ତର ଯିବାର ଯେ ଅସୁବିଧା ଅଛି ତାହା ନିବାରଣ ହେବ ।

---

## ପତ୍ର ପ୍ରେରକଙ୍କ ପ୍ରତିସମ୍ବାଦ

ଆମ୍ଭେମାନେ ଏସପ୍ତାହ ମଧ୍ୟରେ ଅନେକ ପତ୍ର ପାଇଅଛୁଁ ମାତ୍ର ପତ୍ରିକାରେ ସ୍ଥାନାଭାବ ହେତୁରୁ ପ୍ରକାଶ କରି ପାରିଲୁ ନାହିଁ । ଏ ପରେ ପ୍ରକାଶ କରାଯିବ ।

Digitized by srujanika@gmail.com

Split by PDF Splitter



ଶ୍ରୀ ସିଣ୍ଡ୍ରଲ ଝୁଣ୍ଟିଅ—ଅଧିନ ଶିକ୍ଷକ ଯଦ୍ୟପି ପକ୍ଷପାତ କରନ୍ତି ତେବେ ପ୍ରଧାନ ଶିକ୍ଷକ କମ୍ବା କୁମେଟୀଙ୍କ ସାକ୍ଷାତରେ ପ୍ରମାଣ କରାଗଲେ ସେଥିର ପ୍ରତିକାର ହେବ ।

ଦା. ଗ. ରା—ହିନ୍ଦୁମାନେ ଜାତ ସଂସ୍କାର ହେତୁ ଅରକ୍ଷ ବାଳକଙ୍କ ଭରଣ ପୋଷଣ କର୍ମନିର୍ବାହ କରିବାକୁ ଯଥାର୍ଥ ପାରୁଥିବାର ଲେଖନ୍ତି ମାତ୍ର ସେ କଥା ଉର୍ଦ୍ଧ କରିବାରେ କଲ୍ପିତ ଅଛୁ । ପାଦ୍ରି ସାହେବ ଉପଯୁକ୍ତ ପାତ୍ର ହେଲେ ସୁଦ୍ଧା ତାଙ୍କ ଠାରେ ଯେ ଦୁର୍ଭିକ୍ଷ ପୀଡ଼ିତ ବାଳକଙ୍କ ଉପକାର ହେଉ ନାହିଁ ଏହା କୁମେଟି ସ୍ୱୀକାର କରିଅଛନ୍ତି ଓ ଯେଉଁମାନେ ଏ ପ୍ରକାର ବାଳକଙ୍କ ଅନାଥ ହୋଇ ବଜାରରେ ବୁଲୁ ଥିବାର ଦେଖୁ ଅଛନ୍ତି ସେମାନେ ଜାଣିପାରୁ ଅଛନ୍ତି ।

ଅହଂ ସର୍ବଦର୍ଶୀ— ପ୍ରକାଶ କରିବାର ଆବଶ୍ୟକ ନାହିଁ ପତ୍ରିକାରେ ପ୍ରକାଶ କାରଣ ଯେଉଁମାନେ ରଚନା ଲେଖି ପଠାଇବେ ତାହାଙ୍କୁ ପ୍ରାର୍ଥନା କରୁ ଅଛୁଁ ଯେ ସେମାନେ ଆପଣା ଆପଣା ନାମ ଆମ୍ଭଙ୍କୁ ଜଣାଇବେ ।

---

## ଉତ୍କଳ ଦୀପିକାର ମୂଲ୍ୟ ଓ ନିୟମ

| | |
|---|---|
| ଅଗ୍ରିମ ବାର୍ଷିକ ମୂଲ୍ୟ | ଟ ୬ ଙ୍କା |
| ଛମାସର ଅଗ୍ରିମ ମୂଲ୍ୟ | ଟ ୩ |
| ତିନମାସର ଏକତ୍ର | ଟ ୧। |
| ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ | ଟ ୭ ଙ୍କା |
| ପ୍ରତି ଖଣ୍ଡର ମୂଲ୍ୟ | ଟ ୦। |

ଏ ସମ୍ବାଦ ସମ୍ପର୍କୀୟ ସମସ୍ତ ଚିଠୀପତ୍ର ଓ ଟଙ୍କା ଇତ୍ୟାଦ ଶ୍ରୀ ଗୌରୀଶଙ୍କର ରାୟ ମେନେଜରଙ୍କ ନିକଟକୁ ପଠାଇବାକୁ ହେବ ।

---

ସହର କଟକ ଆଲମଚନ୍ଦ ବଜାର କଟକ ପ୍ରିଣ୍ଟି କମ୍ପାନିର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚୁର କରାଗଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା

୧ଭାଗ ଶନିବାର ତା ୮ ରିଖ ମାହେ ସିପ୍ଟମ୍ବର ସନ ୧୮୬୭ ମସିହା ମୁତାବକ ୨୫ ଦିନ ଭାଦ୍ର ସନ ୧୨୭୩ ସାଲ ଷଷ୍ଟ ସଂଖ୍ୟା

## ସର ହେନରି ରିକେଟ ସାହେବ

ଏ ଜିଲ୍ଲାର ପୂର୍ବତନ କମିସ୍ନର ଶ୍ରୀଯୁକ୍ତ ହେନରି ରିକେଟସ୍ ସାହେବଙ୍କର ଚିର ସ୍ମରଣୀୟ ନାମ ଏଦେଶର ପ୍ରାୟ ସମସ୍ତ ଲୋକଙ୍କ ବିଦିତ ଅଛି । ପ୍ରଶଂସିତ ସାହେବ ପ୍ରଥମେ ବାଲେଶ୍ବର ଜିଲ୍ଲାର କଲେକ୍ଟର ଥିଲେ ସେ ସ୍ଥାନ ପ୍ରତି ତାହାଙ୍କର ଏ ପ୍ରକାର ମମତା ଜନ୍ମି ଥିଲା ଯେ କମିସ୍ନର ହେଲା ଉତ୍ତାରୁ ସୁଦ୍ଧା ବର୍ଷ ମଧ୍ୟରେ ଅଧିକାଂଶ ସମୟ ବାଲେଶରରେ ରହନ୍ତି । ସନ ୧୮୩୭ ଶାଲରେ ଦୁର୍ଭିକ୍ଷ ସମୟରେ ସେ ଦୁଃଖୀ ମାନଙ୍କ ଦୁର୍ଦଶା ନିବାରଣରେ ଅନେକ ଉପାୟ କରିଥିଲେ । ଦୁର୍ଭିକ୍ଷ ଆରମ୍ଭ ହେବା ପୂର୍ବରୁ ବାଲିମ ଚାଉଳ ଅଣାଇ ବିକ୍ରୟ କରାଇ ବାରୁ ଲୋକମାନେ ଅଧିକ କଷ୍ଟ ପାଇ ନାହାନ୍ତି । ଯେଉଁ ମାନଙ୍କର ଘର ଭାଙ୍ଗିଯାଇଥିଲା ସେମାନଙ୍କର ଘର ତିଆର କରାଇ ଦେଇଥିଲେ । ଓ ବସ୍ତ୍ର ହୀନମାନଙ୍କୁ ବସ୍ତ୍ର ଓ କମ୍ବଳ ଆପଣା-ବ୍ୟୟରେ ଓ ମଧ୍ୟ ସରକାର ତରଫରୁ ଦେଇଥିଲେ । ରିକେଟସ୍ ସାହେବ ଏ ପ୍ରଦେଶର ବନ୍ଦୋବସ୍ତର ସକଳ ଆୟୋଜନ କରିଦେଇଯାଇ ରେବନ୍ୟୁ ବୋର୍ଡ଼ରେ ସେଥିର ସମସ୍ତ ତତ୍ତ୍ବାବଧାରଣ କଲେ । ଏ ଦେଶ ପ୍ରତି ତାହାଙ୍କର କିପର୍ଯ୍ୟନ୍ତ ସ୍ନେହ ତାହା ତାହାଙ୍କ ପ୍ରେରିତ ତଳ ଲିଖିତ ପତ୍ରରୁ ପାଠକମାନେ ଜ୍ଞାତ ହେବେ ।

ଓଡ଼ିଶାର ଦୁର୍ଭିକ୍ଷ ପୀଡ଼ିତ ଲୋକମାନଙ୍କ ସକାଶେ ଚାନ୍ଦା ଓସୁଲ ହେଉ ଥିବାର ସମ୍ବାଦ ପତ୍ର ମାନଙ୍କରୁ ଅବଗତ ହୋଇ ଆମ୍ଭେ ଟ ୧୦୦ଙ୍କା ପଠାଉ ଅଛୁଁ । ଆମ୍ଭଙ୍କୁ ବାଲେଶ୍ବର ଲୋକମାନେ ବିସ୍ମରଣ କରିଥିବେ କିନ୍ତୁ ସେମାନଙ୍କ ସଙ୍ଗେ ଯେପରି ସୁଖରେ କାଳ ଯାପଣ କରି ଅଛୁଁ ତାହା ଆମ୍ଭେ ବିସ୍ମରଣ କରି ନାହୁଁ । ଓ ବର୍ତ୍ତମାନ ସେମାନଙ୍କର ଦୁର୍ଦଶା ଶୁଣି ଅତ୍ୟନ୍ତ ଦୁଃଖି ହେଲୁଁ । ଯେମାନଙ୍କର ପୂର୍ବ କମିସ୍ନରଙ୍କ ଠାରୁ ଟ ୧୦୦ଙ୍କାର ଦାନ ସେମାନଙ୍କୁ ଅଳ୍ପ ଦୃଶ୍ୟ ହେବ ମାତ୍ର

Digitized by srujanika@gmail.com

Split by PDF Splitter



ବର୍ତ୍ତମାନ ସମୟରେ ଆମ୍ଭମାନଙ୍କର ଅଧିକ ଟଙ୍କା ନାହିଁ । ସକଳ ପଦାର୍ଥ ପର ସପ୍ତାହରେ ଅଧିକ ଅଧିକ ଦୁର୍ମୂଲ୍ୟ ହେଉଅଛି । କୁମେଟୀର ମେମ୍ବରମାନଙ୍କ ମଧ୍ୟରେ ଚରମାନ୍ୟ ଶ୍ରୀ ଏବଣ୍ସ ସାହେବଙ୍କର ନାମ ଦେଖିଲୁଂ । ତାହାଙ୍କୁ ଆମ୍ଭର ନମସ୍କାର କହିବ ।

ଆମ୍ଭର ପୁରାତନବନ୍ଧୁ ଅବ୍ଦୁଲ ରଉଫ୍ ଓ ବର୍ଣ୍ଣାନନ୍ଦ ଦାସ ବର୍ତ୍ତିଥିଲେ ଓ ଆପଣଙ୍କର ସୁଯୋଗ ହେଲେ ଆମ୍ଭେ ତାହାଙ୍କୁ ସ୍ମରଣ କରୁ ଥିବାରୁ ତାହାଙ୍କୁ ଜଣାଇଦେବେ କଟକର ଯେ ଦରବାର ହୋଇଥିଲା, ସେ ଆଶାପ୍ରଦ ଦେଇଅଛନ୍ତି ଯେ ହାଲ ବନ୍ଦୋବସ୍ତର ମିଆଦ ଗତ ହେଲାରୁ ଯେ ନୂତନ ବନ୍ଦୋବସ୍ତ ହେବ ସେଥିର କାର୍ଯ୍ୟ ଚଳନ୍ତ ବନ୍ଦୋବସ୍ତର ପ୍ରଧାନନିୟମ ମାନଙ୍କ ଅନୁସାରେ କରାଯିବ । ଆମ୍ଭେମାନେ ଏଥିର୍ଥ କରିବା ନିମନ୍ତେ ଅନେକ ପରିଶ୍ରମ ସହିତ ଚେଷ୍ଟା କରିଥିଲୁଁ ଓ ବର୍ତ୍ତମାନ ବ ୨୫ ବର୍ଷ ବକ୍ତୃର ଉତ୍ତରରୁ ଆମ୍ଭମାନଙ୍କର ସେ ସମସ୍ତ ପରିଶ୍ରମ ନିଷ୍ଫଳ ହୋଇ ନ ଥିବାର ଅତ୍ୟନ୍ତ ଆନନ୍ଦର ସହିତ ଅବଗତ ହେଲୁଁ । ନୂତନ ବନ୍ଦୋବସ୍ତରେ କେତେକ ବିଷୟ ପରିବର୍ତ୍ତନ କରିବାର ଆବଶ୍ୟକ ହୋଇପାରେ ମାତ୍ର ମୋଟରେ ଦେଶର ଅବସ୍ଥାଉନ୍ନତ ହୋଇଅଛି । ଓ ଲୋକମାନେ ସନ୍ତୁଷ୍ଟ ଅଛନ୍ତି ।

## ହେନେର ରିକେଟ୍ସ

ଏ ଦେଶର ଏପ୍ରକାର ଦୁର୍ଦ୍ଦଶା ସମୟରେ ଅମ୍ଭମାନଙ୍କୁ ସ୍ମରଣ କରି ଯେ ଟ ୨୦୦ ଙ୍କା ପ୍ରେରଣ କରି ଅଛନ୍ତି ସେଥିନିମନ୍ତେ ତାହାଙ୍କୁ ଅମ୍ଭମାନଙ୍କର ଅଶେଷ ଧନ୍ୟବାଦ ଦେବାର କର୍ତ୍ତବ୍ୟ । ବାଲେଶ୍ୱର ନିବାସୀମାନଙ୍କର ରେକେଟ୍ସ ସାହେବଙ୍କର ନାମ ପ୍ରତିଦିନ କଥାବାର୍ତ୍ତା ହେବା ବିଷୟ ପରି ହୋଇଅଛି । ତାହାଙ୍କୁ ସେମାନେ ବିସ୍ମରଣ କରିଥିବାର ଯେ ଆଶଙ୍କା କରିଅଛନ୍ତି ଏହା ସେମାନଙ୍କ ପ୍ରତି ନିଷ୍ଠୁରତା ପ୍ରକାଶ କରା ହୋଇଅଛି ।

---

## କଟକସ୍ଥ ସାହାଯ୍ୟ କୁମେଟୀ

କଟକସ୍ଥ ସାହାଯ୍ୟ କୁମେଟୀଙ୍କର ଗତମାସ ତା ୩୧ଖର ମୁଦ୍ରିତ ବର୍ତ୍ତନାବଳୀ ପାଠକରି ଆମ୍ଭେମାନେ ଅତିଶୟ ଆନନ୍ଦ ହୋଇ ଅଛୁଁ । କୁମେଟୀକୁ ଯେ ଗୁରୁତର ଭାର ଅର୍ପଣ ହୋଇଅଛି ଇଦାନୀ ସେମାନେ ତାହା ଉତ୍ତମ ରୂପେ ନିର୍ବାହ କରିବାର ନିତାନ୍ତ ମାନସ ପ୍ରକାଶ କରି ଅଛନ୍ତି । ଏ ସମ୍ବନ୍ଧରେ ଦୁଇ ଗୋଟି ମହତ କାର୍ଯ୍ୟସ୍ଥିର ହୋଇଅଛି ।

Digitized by srujanika@gmail.com

Split by PDF Splitter



ଯଥା—୯- ଦୁର୍ଭିକ୍ଷ ପୀଡ଼ିତ ବାଳକଙ୍କର ରକ୍ଷଣାବେକ୍ଷଣ ।

୨- ରୋଗରେ କାତର ହୋଇ ଯେଉଁ ଲୋକମାନେ ବାଟରେ ପଡ଼ିଥାନ୍ତି ସେମାନଙ୍କ ଚିକିତ୍ସା ଓ ପ୍ରତିପୋଷଣ । ପ୍ରଥମ କାର୍ଯ୍ୟ ସୁପ୍ରଣାଳୀରୂପେ ଚଳାଇବା ସକାଶେ ମେମ୍ବରମାନଙ୍କ ମଧ୍ୟରୁ ବାବୁ ଲକ୍ଷ୍ମୀ ନାରାୟଣ ରାଏଚଉଧୁରୀ ଓ ବାବୁ ଦୀନାନାଥ ସରକାର ଓ ବାବୁଇ ........................................ ...ମେନେଜର ନିଯୁକ୍ତ ହୋଇ ଅଛନ୍ତି । ଏମାନେ ଚଳିତ ମାସ ତା ୯ ରିଖରେ ଏକତ୍ରରେ ସଭାକରି ଉକ୍ତକର୍ମ ସୁଗୁରୁ ରୂପେ ନିର୍ବାହ ସକାଶେ ଯେ ନିୟମମାନ କରିଅଛି ତାହା ସର୍ବତୋ ଭାବରେ ଉତ୍ତମ ହୋଇଅଛି । ଓ ତାହା ପାଠ କରିବା ମାତ୍ରକେ ଆମ୍ଭମାନଙ୍କର ବିଶ୍ୱାସ ହେଲା ଯେ ଏମାନେ ଏ କର୍ମ ନିର୍ବାହ କରିବାର ଉପଯୁକ୍ତ ପାତ୍ର ଅଟନ୍ତି ଯଦ୍ୟପି ପିଲାମାନଙ୍କର ଆଳସ୍ୟ ସ୍ୱଭାବ ଛଡ଼ାଇବା କାରଣ ଯେ ଉପାୟ ହୋଇ ଅଛି ତାହା ଯଥେଷ୍ଟ ନୁହଇ । ତଥାପି ମେମ୍ବର ମାନେ ଯେ ସେ ବିଷୟ ବିସ୍ମରଣ ହୋଇ ନାହାନ୍ତି ଏଥିରୁ ଜଣାଯାଏ ଯେ ଅବିଳମ୍ବରେ ସେଥିର ଉପଯୁକ୍ତ ବିଧାନ ହେବ । ଆମ୍ଭେମାନେ ପ୍ରଥମରେ ପ୍ରସ୍ତାବ କରିଥିଲୁଁ ଯେ ପିଲାମାନଙ୍କର ଭାର କୌଣସି ହିନ୍ଦୁ ହସ୍ତରେ ଅର୍ପଣ କରିବାର ଉଚିତ ଥିଲା । ଓ ଆମ୍ଭେମାନେ ଅଦ୍ୟ ଆହ୍ଲାଦର ସହିତ ପାଠକ ମହାଶୟଙ୍କୁ ଜଣାଉ ଅଛୁ ଯେ ଆମ୍ଭମାନଙ୍କର ଲେଖିବା ବୃଥା ହୋଇ ନାହିଁ । ବିଶେଷରେ ଭାର ପ୍ରାପ୍ତ ମେମ୍ବରମାନେ ଏ ସତ୍କର୍ମରେ ଯେ ରୂପ ଉତ୍ସାହୀ ହୋଇ ଅଛନ୍ତି ଓ ଶ୍ରୀଯୁକ୍ତ ବାବୁ ଦୀନାନାଥ ଶରକାର ଉକ୍ତ ବାଳକଙ୍କ ରକ୍ଷାର୍ଥେ ବିନା ଭଡ଼ାରେ ଆପଣାର ଅଧିକାରରେ ଥିବା ଗୋଟିଏ କୋଠା ଗୃହ ଦେଇ ଥିବାରୁ ତାଙ୍କ ଉତ୍ସାହର ଯେ ରୂପ ପରିଚୟ ପ୍ରାପ୍ତ ହେଉଅଛି ସେଥିରୁ ଜଣାଯାଏ ଯେ ମେମ୍ବରମାନେ ବାଳକଙ୍କ ରକ୍ଷା ବିଷୟରେ ଯତ୍ପରୋନାସ୍ତି ଯତ୍ନବାନ ହେବେ ।

ଦ୍ୱିତୀୟ କର୍ମ ନିର୍ବାହ ନିମନ୍ତେ ମେମ୍ବରମାନେ ସହର ନିବାସୀ କେତେକ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କୁ ଅନୁରୋଧ କରି ଅଛନ୍ତି ଯେ ସେମାନେ ଆପଣା ଆପଣା ବାସକରୁଥିବା ବଜାର କି ମହଲ୍ଲା ମଧ୍ୟରେ ଯାହାକୁ ରୋଗ ଗ୍ରସ୍ତ ହୋଇ ଅସହାୟ ଅବସ୍ଥାରେ ପଡ଼ି ରହିବାର ଦେଖିବେ ତାହାକୁ ତତ୍କ୍ଷଣାତ୍ ଡୋଲିରେ ଗୁଡ଼ଲିଆରଙ୍କ ହସପାତାଲକୁ ପ୍ରେରଣ କରିବେ ଓ ଉକ୍ତ ଦୋଲି ଓ ଗଉଡ଼ ପୁଲିସରୁ ପ୍ରାପ୍ତ ହେବେ ।

ବର୍ତ୍ତମାନ କାଳରେ ଲୋକଙ୍କର ଯେପରି କ୍ଳେଶ ଦେଖାଯାଏ ସେଥିରୁ ସମସ୍ତେ ଅବଶ୍ୟ ସ୍ୱୀକାର କରିବେ ଯେ ଅନ୍ୟାନ୍ୟ କର୍ମ ମଧ୍ୟରେ କଳ୍ପିତ କାଳ ଦୁଃଖୀଙ୍କ ଉପକାର ନିମିତ୍ତ ଉପଯୋଗୀ ହେବା ଆବଶ୍ୟକ । ଓ ତାହା ନହେଲେ

Digitized by srujanika@gmail.com

Split by PDF Splitter



ମେମ୍ବରମାନେ ଏକାକୀ ସମସ୍ତ କର୍ମ କଦାଚ ସୁସ୍ଥରୁ ରୂପେ ନିର୍ବାହ କରି ପାରିବେ ନାହିଁ ମାତ୍ର କମେଟୀ ଯେଉଁମାନଙ୍କୁ ଏକର୍ମରେ ନିଯୁକ୍ତ କରିଅଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କଠାରୁ ଏ କର୍ମ ଚଳିପାରିବ ନାହିଁ । କାରଣ ସେମାନେ ସରକାରି ଚାକର ୧୦ ଘଣ୍ଟା ଠାରୁ ପ୍ରାଏ ସନ୍ଧ୍ୟାପର୍ଯ୍ୟନ୍ତ କଚେରିରେ ଆନ୍ତି । ଯଦ୍ୟପି କଚେରି ଗମନା ଗମନ ଅଥବା କାର୍ଯ୍ୟ ଅବସରେ ବଜାରରେ ଥିବା ବେଳରେ ଏପ୍ରକାର ଦୁର୍ଭିକ୍ଷ ପୀଡ଼ିତ କେହି ମନୁଷ୍ୟ ତାଙ୍କ ଦୃଷ୍ଟି ଗୋଚରରେ ଆସିବେ ତେବେ ତାହାଙ୍କ ଅନ୍ତରରେ ଦୟାର ସଞ୍ଚାର ଓ କର୍ତ୍ତବ୍ୟ କର୍ମର ଜ୍ଞାନ ଜାଗରିତ ହୋଇଥିଲେ ସୁଦ୍ଧା ଲୋକାଭାବ ଓ ମନରେ ବ୍ୟସ୍ତତା ହେତୁରୁ ସୁତରାଂ ତାହା ଅବହେଳା କରିବେ । ବାସ୍ତବରେ ଏକର୍ମ ସହଜ ନୁହଇ । ଜଣେ ଦୁର୍ଭିକ୍ଷ ଲୋକକୁ ଉଠାଇବା ସକାଶେ ପୁଲିସ ଫାଣ୍ଡି ଅଥବା ଥାନାକୁ ଯାଇ ସେଠାରୁ ଡୋଲି ଅଣାଇବା ଉତ୍ତାରୁ ଡାକ୍ତର ସାହେବଙ୍କ ନିକଟକୁ ଚିଠି ଲେଖି ପଠାଇବାରେ କେତେ ସମୟ ଓ ଆୟାସର ଅପେକ୍ଷା ହୁଏ ତାହା କି କମେଟୀର କେହି ମେମ୍ବର ବିବେଚନା କଲେ-ନାହିଁ ? ଅସ୍ମମାନଙ୍କର ମାନସ ଏହି ଯେ ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କୁ ଅନ୍ନ ଛତ୍ର ଅଥବା ହସପାତାଲକୁ ପ୍ରେରଣ କରିବାର କର୍ମ ସମସ୍ତ ପୁଲିସ କର୍ମଚାରୀଙ୍କ ଜିମା ହେଉ ଓ ସେମାନଙ୍କୁ ବିଶେଷ ରୂପେ ଜଣାଇ ଦିଆ ଯାଉ ଯେ ଏକର୍ମରେ କିଞ୍ଚିତମାତ୍ର ତ୍ରୁଟି ଯାହାର ଦେଖା ଯିବ ତାହାକୁ ଉପଯୁକ୍ତ ଦଣ୍ଡରୁ ମୁକ୍ତ ଦିଆଯିବ ନାହିଁ ଏବଂ ଯେଉଁମାନେ ତତ୍ତ୍ୱାବଧାରକ ନିଯୁକ୍ତ ହୋଇ ସେମାନେ ଯେ ଯେତେବେଳେ ଏ କର୍ମରେ ପୁଲିସର ତ୍ରୁଟି ଦେଖିବେ ତାହା ପୁଲିସ ହାକିମଙ୍କ ଜ୍ଞାତ ସାରରେ ଆଣିବେ ।

---

## ସାପ୍ତାହିକ ସମ୍ବାଦ

ଏ ସପ୍ତାହ ମଧ୍ୟରେ କଟକ ସହରରେ ଗୋଟିଏ ଦୁର୍ଘଟଣା ହୋଇଅଛି । ଲୁଣିଆସାହି ନିବାସୀ ରଘୁରାଜ ନାମକ ଏ ବ୍ୟକ୍ତିର ନାତିକୁ କେହି ଦୁରାତ୍ମା ହତ୍ୟାକରି ପାଣିସୋହି ପୋଖରୀରେ ପକାଇ ଦେଇଥିଲା । ପିଲାର ବୟସ ଅନ୍ଦାଜ ବର୍ଷେ । ଲାସ ତଦାରଖରେ ଦେଖାଗଲା ଯେ ତାହା ଦେହ ମୁଣ୍ଡରେ ଅସ୍ତ୍ରର ଚିହ୍ନମାନଅଛି । ଓ ତାହାର ହାତରେଥିବା ୫୯।ଅଣା ମୂଲ୍ୟର ଖଡ଼ୁ ବାହାର କରିନେଇ ଅଛି । ମକଦମା ପୁଲିସ ଦ୍ୱାରା ଅନୁସନ୍ଧାନ ହେଉଅଛି ମାତ୍ର ଆସାମିର କିଛିମାତ୍ର ସନ୍ଧାନ ପାୟାଯାଇ ନାହିଁ । ହଏ ! ୫୯। ପାଇଁ ନରହତ୍ୟା ! ଏଥିରୁ ଆଉ ଅଧିକ ଦୁଷ୍କର୍ମ କି ଅଛି । ଅଥବା ଦୁର୍ଭିକ୍ଷ ଇତର ମନୁଷ୍ୟଙ୍କୁ କି ପର୍ଯ୍ୟନ୍ତ କାତର କରିଅଛି । ଏ ଭୟାନକ ଘଟଣା ସେଥିର ପରିଚୟ ମାତ୍ର ଦେଉଅଛି ।

Digitized by srujanika@gmail.com

Split by PDF Splitter



ଆମ୍ଭେମାନେ ଆନନ୍ଦ ସହିତ ଶ୍ରବଣ କଲୁଁ ଯେ କଟକ ଇଂରାଜୀ ସ୍କୁଲର ଛାତ୍ରମାନେ ସାହେବଯାଦା ବଜାରରେ ଗୋଟିଏ ନୂତନ ବ୍ରହ୍ମସମାଜ ସ୍ଥାପନ କରିଅଛନ୍ତି । ଅଗଷ୍ଟ ମାସ ତା୨୪ରିଖରେ ସଭା ଅନୁକୂଳ ହେଲା ଓ ଅଳ୍ପକାଳ ମଧ୍ୟରେ ପ୍ରାୟ ୩୦ଜଣ ସଭ୍ୟ ସମାଜଭୁକ୍ତ ହୋଇଅଛନ୍ତି । ପରନ୍ତୁ ଏମାନେ ସମସ୍ତେ ସ୍କୁଲର ଛାତ୍ର ସମସ୍ତେ ଏକତ୍ର ହୋଇ ଯେ ସଦାନୁଷ୍ଠାନରେ ପ୍ରବୃତ୍ତ ହୋଇ ଅଛନ୍ତି ଏହା ସାମାନ୍ୟ ସୁଖର ବିଷୟ ନୁହେ । ମାତ୍ର ଏ ନଗରରେ ଅନେକ କାଳରୁ ଏକ ବ୍ରହ୍ମସମାଜ ସ୍ଥାପନ ହୋଇଅଛି । ସେଠାକୁ ନଆସି ନୂତନ ସମାଜ କରିବାର ମର୍ମ ଆମ୍ଭେମାନେ ବୁଝିପାରୁନାହୁଁ ।

---

ହିନ୍ଦୁପେଟ୍ରିଅଟ୍ ପତ୍ରିକାରେ ପାଠକଲୁଁ ଯେ ଗତ ଜୁଲାଇ ମାସ ତା୧୦ରିଖରେ ପେରିସ ନଗରରେ ଘୋଟକ ମାଂସ ଭୋଜନ କରିବାର ପ୍ରଥା ଚଳାଇବା ସକାଶେ ଏକ ବୃହତ ଖାନା ହୋଇଥିଲା ଓ ଭୋଜନ ସାମଗ୍ରି ମଧ୍ୟରୁ ଅଧିକାଂଶ ଖାଦ୍ୟ ପଦାର୍ଥ ଘୋଟକ ଶରୀରର ନାନା ଅବୟବର ମାଂସ ଅନେକ ପ୍ରକାରରେ ରନ୍ଧନ ହୋଇଥିଲା । ୧୪୮ଜଣ ଏକତ୍ରରେ ଅତି ସମାରୋହରେ ଭୋଜନକରି ଉକ୍ତ ମାଂସରୁ ପ୍ରସ୍ତୁତ ହୋଇଥିବା ଖାଦ୍ୟ ପଦାର୍ଥମାନ ଅତି ସୁସ୍ୱାଦୁ ହୋଇଥିବାର ବ୍ୟକ୍ତକଲେ । କ୍ରମେ କ୍ରମେ ମନୁଷ୍ୟ ଆଉ କିଛି ଜୀବଜନ୍ତୁ ଅଖାଦ୍ୟ ରଖିବ ନାହିଁ ।

---

କେଉଁଝରର ରଜାଙ୍କର ମୃତ୍ୟୁ ହୋଇଅଛି । ଶୁଣାଯାଇ ଯେ ତାଙ୍କ ମୃତ୍ୟୁର ଦୁଇ ଏକ ଦିନ ପୂର୍ବ ସେ ଆପଣାକୁ ଓ ଆପଣା ରାଣୀମାନଙ୍କୁ ଟଙ୍କା ସଙ୍ଗେ ଓଜନ କରାଇ ଉକ୍ତ ଟଙ୍କା ବ୍ରାହ୍ମଣମାନଙ୍କୁ ଦାନକଲେ ରଜାଙ୍କର ଓଜନ ଟ୫୦୦୦ଙ୍କା ହେଲା ମାତ୍ର ତାଙ୍କର ଦୁଇ ରାଣୀ ଜଣକେ ଟ୬୦୦୦ଙ୍କା ଲେଖାଏ ତୌଲରେ ଉଠିଲେ ଏରୂପ ଗାଏ ଟ୧୭୦୦୦ଙ୍କା ବ୍ରାହ୍ମଣମାନେ ପ୍ରାପ୍ତ ହେଲେ ।

ଗତ ଝଡ଼ରେ ସରକାର ଅନେକ ଚାଉଳ ନୋକସାନ ହୋଇ ବନ୍ଦରଘର ଠାରେ ପ୍ରାୟେ ୫୦୦୧୬୦୦ ମହଣ ଚାଉଳ ବୁଡ଼ିଗଲା ଓ ଚେନ୍ଦବାଲିକାନ ଜାହାଯର ଚାଉଳ ୩୩୦୦୦ମହଣ ନଷ୍ଟ ହୋଇଅଛି ।

ଦୁର୍ଭିକ୍ଷ ନିବାରଣ କାରଣ ବୋର୍ଡ ସାହେବମାନେ ତଳ ଲିଖିତମତେ ଟଙ୍କା ଦାଦନ କରିଅଛନ୍ତି ।

ନଗଦ ଠଙ୍କା…… ……..ଟ୧୮୩,୧୦୦୮

ଶସ୍ୟ ଖରଦରେ……………ଟ୧୯୮,୪୪୦

Digitized by srujanika@gmail.com